# ଆର୍ଥିକ ସଂସ୍କାରର ସୂତ୍ରଧର



ଭାରତୀୟ ଇତିହାସ କଡ଼ ମୋଡୁଥିବାବେଳେ କ୍ୱଚିତ୍ ବ୍ୟକ୍ତିବିଶେଷ ଏହାର ସାକ୍ଷୀ ପାଲଟିଥିଲେ। ସେମାନଙ୍କ ମଧ୍ୟରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ଅନ୍ୟତମ। ବିଭାଜନ ପରେ ଦୀର୍ଘ ସାଢ଼େ ୬ ଦଶନ୍ଧି ଧରି ଦେଶର ଆର୍ଥିକ ସ୍ଥିତିକୁ ପରଖିବା ସହ ଅର୍ଥନୀତି କ୍ଷେତ୍ରରେ ବିପୁଳ ସଂସ୍କାର ଆଣିବାରେ ମନମୋହନଙ୍କ ଅବଦାନ ଥିଲା ଅତୁଳନୀୟ। ମିଷ୍ଟଭାଷୀ ଓ ନମ୍ର ସ୍ୱଭାବର ମନମୋହନ ଏକାଧାରରେ ଥିଲେ ପ୍ରଶାସକ, ଅର୍ଥନୀତିଜ୍ଞ, ଶିକ୍ଷାବିତ୍ ଓ ରାଜନେତା। ରାଜନୀତି ପ୍ରତି ଆରମ୍ଭରୁ ବିଶେଷ ଆଗ୍ରହୀ ନ ଥିବା ଏହି ବ୍ୟକ୍ତିତ୍ୱ ଜୀବନରେ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ି ନ ଥିଲେ ମଧ୍ୟ ୨ ଥର ଦେଶର ସର୍ବୋଚ୍ଚ ଶାସନ ଭାର ସମ୍ଭାଳିବା ସହ ଉଦାରବାଦ ନୀତି ଆପଣାଇ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଆଣିବାରେ ସଫଳ ହୋଇଥିଲେ। ସବୁ ଦଳର ନେତାଙ୍କ ସହ ସୁସମ୍ପର୍କ ରକ୍ଷା କରିବା ରାଜନୀତିରେ ତାଙ୍କ ଆଦୃତି ଓ ଗ୍ରହଣୀୟତାର ପରିସରକୁ ବଢ଼ାଇଦେଇଥିଲା। ଏହି ମହାନ୍ ବ୍ୟକ୍ତିତ୍ୱଙ୍କ ଅବର୍ତ୍ତମାନରେ କେବଳ କଂଗ୍ରେସ ନୁହେଁ, ତାଙ୍କୁ ଝୁରୁଛି ସାରା ଦେଶ।



ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ୍ ବୁଶ୍(ଜୁନିୟର)ଙ୍କ ସହ ମନମୋହନ ସିଂ।

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କର ଗୁରୁବାର ରାତିରେ ପରଲୋକ ଘଟିଛି। ମନମୋହନ ଏକାଧାରରେ ଜଣେ ରାଜନେତା, ଅର୍ଥନୀତିଜ୍ଞ ଏବଂ ପ୍ରଶାସକ। ସେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ଜବାହରଲାଲ୍ ନେହେରୁ, ଇନ୍ଦିରା ଗାନ୍ଧୀ ଏବଂ ନରେନ୍ଦ୍ର ମୋଦିଙ୍କ ପରେ ସେ ଚତୁର୍ଥ ସର୍ବାଧିକ କାଳ ପ୍ରଧାନମନ୍ତ୍ରୀ ପଦରେ ରହିଛନ୍ତି। ସେ ଶିଖ୍ ସମ୍ପ୍ରଦାୟରୁ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିବାବେଳେ ୫ ବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିବା ପରେ ପୁନର୍ବାର ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବାରେ ନେହେରୁଙ୍କ ପରେ ଦ୍ୱିତୀୟ ନେତା।

## ବ୍ୟକ୍ତିଗତ ଜୀବନ

ମନମୋହନ ୧୯୫୮ରେ ଗୁରଶରନ କୌରଙ୍କୁ ବିବାହ କରିଥିଲେ। ତାଙ୍କର ୩ ଝିଅ ଉପିନ୍ଦର ସିଂ, ଦାମନ ସିଂ ଏବଂ ଅମ୍ରିତ ସିଂ। ତାଙ୍କ ଝିଅ ଦାମନ ଓଡ଼ିଶାର ବୋହୂ। ସେ ଆଇପିଏସ୍ ଅଫିସର ଅଶୋକ ପଟ୍ଟନାୟକଙ୍କୁ ବିବାହ କରିଛନ୍ତି। ଅଶୋକଙ୍କ ଘର କଟକରେ ହୋଇଥିବାବେଳେ ତାଙ୍କ ପରିବାର ଭୁବନେଶ୍ୱରର ଖାରବେଳନଗରରେ ରହୁଛନ୍ତି। ମନମୋହନଙ୍କ ପରିବାର ସଦସ୍ୟ ବହୁତ ସମୟରେ ଝିଅ ଘରକୁ ଆସିଥାନ୍ତି।



ପତ୍ନୀ ଗୁରଶରନ କୌରଙ୍କ ସହ ମନମୋହନ ସିଂ।

## ଅନେକ ସମ୍ମାନର ଅଧିକାରୀ

ଡ. ମନମୋହନ ସିଂ ୧୯୮୭ରେ ଭାରତର ଦ୍ୱିତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ ହୋଇଥିଲେ। ୧୯୯୫ରେ ତାଙ୍କୁ ଭାରତୀୟ ବିଜ୍ଞାନ କଂଗ୍ରେସର ଜବାହରଲାଲ ନେହେରୁ ଜନ୍ମ ଶତାବ୍ଦୀ ସମ୍ମାନ ମିଳିଥିଲା। ୧୯୯୩-୯୪ରେ ଅର୍ଥ ମନ୍ତ୍ରୀ ଥିବା ସମୟରେ ଏସିଆ ମନି ଆୱାର୍ଡ ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ସେହିପରି ଶ୍ରେଷ୍ଠ ମନ୍ତ୍ରୀ ଭାବେ ୧୯୯୩ରେ ତାଙ୍କୁ ୟୁରୋ ମନି ଆୱାର୍ଡ ମିଳିଥିଲା। ୧୯୫୬ରେ କେମ୍ବ୍ରିଜ୍ ୟୁନିଭର୍ସିଟିରେ ପଢୁଥିବା ସମୟରେ ସେ ଆଡାମ ସ୍ମିଥ୍ ପୁରସ୍କାର ଜିତିଥିଲେ।

## ୧୧୭ ଥର ପ୍ରେସ୍ କନ୍ଫରେନ୍ସ

୨୦୧୪ ଜାନୁଆରୀ ୩ରେ ଡ. ମନମୋହନ ସିଂ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶେଷ ପ୍ରେସ୍ କନ୍ଫରେନ୍ସରେ କରିଥିଲେ। ୧୦୦ରୁ ଅଧିକ ଖବରଦାତା ଏହି ପ୍ରେସ୍ କନ୍ଫରେନ୍ସରେ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କ ସହ ତତ୍କାଳୀନ ସୂଚନା ଓ ପ୍ରସାରଣ ମନ୍ତ୍ରୀ (ସ୍ୱାଧୀନ) ମନୀଷ ତିୱାରି ଉପସ୍ଥିତ ଥିଲେ। ପ୍ରେସ୍ କନ୍ଫରେନ୍ସ ପ୍ରାରମ୍ଭରେ ମନମୋହନ କହିଥିଲେ, "ମୋ ସରକାର ବିରୋଧରେ ଅନେକ ଅଭିଯୋଗ ଆସିଛି। ହେଲେ ମୁଁ ଜଣେ ଏପରି ପ୍ରଧାନମନ୍ତ୍ରୀ ନୁହେଁ, ଯିଏ ଗଣମାଧ୍ୟମକୁ ଭୟ କରେ। ମୁଁ ଆପଣମାନଙ୍କର ସବୁ ପ୍ରଶ୍ନର ଉତ୍ତର ରଖିବାକୁ ପ୍ରସ୍ତୁତ।" ମନମୋହନ ପ୍ରେସ୍ କନ୍ଫରେନ୍ସରେ ବିଭିନ୍ନ ପ୍ରସଙ୍ଗରେ ୬୨ରୁ ଅଧିକ ପ୍ରଶ୍ନର ଉତ୍ତର ରଖିଥିଲେ। ୨୦୦୪ରୁ ୨୦୧୪ ମଧ୍ୟରେ ପ୍ରଧାନମନ୍ତ୍ରୀ ଥିବା ସମୟରେ ମନମୋହନ ସମୁଦାୟ ୧୧୭ ଥର ଖବରଦାତା ସମ୍ମିଳନୀ କରିଥିଲେ। ସେ ବିଦେଶ ଗସ୍ତ ସମୟରେ ୭୨ଟି, ବିଭିନ୍ନ ରାଜ୍ୟକୁ ଗସ୍ତ କରିବା ସମୟରେ ୨୩ଟି, ନିର୍ବାଚନ, ରାଜନୈତିକ, ଘୋଷଣାପତ୍ର ସମ୍ବନ୍ଧୀୟ ୧୨ଟି ଏବଂ ୧୦ଟି ବାର୍ଷିକ ପ୍ରେସ୍ କନ୍ଫରେନ୍ସ କରିଛନ୍ତି।

## ପ୍ରାଧ୍ୟାପକରୁ ପ୍ରଧାନମନ୍ତ୍ରୀ



୨୦୦୪ରେ ପ୍ରଧାନମନ୍ତ୍ରୀ ଭାବେ ମନମୋହନ ସିଂଙ୍କୁ ତତ୍କାଳୀନ ରାଷ୍ଟ୍ରପତି ଏ.ପି.ଜେ ଅବ୍ଦୁଲ କଲାମ ଶପଥ ପାଠ କରାଉଛନ୍ତି।

୧୯୩୨ ସେପ୍ଟେମ୍ବର ୨୬ରେ ବ୍ରିଟିଶ ଇଣ୍ଡିଆ (ବର୍ତ୍ତମାନ ପାକିସ୍ତାନର ପଞ୍ଜାବ)ର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଗାହରେ ମନମୋହନ ସିଂଙ୍କ ଜନ୍ମ। ଖୁବ୍ କମ୍ ବର୍ଷ ବୟସରେ ତାଙ୍କର ମାତୃବିୟୋଗ ହେବାରୁ ଜେଜେମା' ତାଙ୍କ ଲାଳନପାଳନ କରିଥିଲେ। ତାଙ୍କର ପ୍ରାରମ୍ଭିକ ସ୍କୁଲ୍ ଶିକ୍ଷା ଉର୍ଦ୍ଦୁ ମାଧ୍ୟମରେ ହୋଇଥିଲା। ଏପରିକି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ସେ ହିନ୍ଦୀ ଭାଷଣ ଉର୍ଦ୍ଦୁ ଲିପିରେ ଲେଖୁଥିଲେ। ବେଳେବେଳେ ନିଜ ମାତୃଭାଷା ପଞ୍ଜାବୀରେ ଏବଂ ଗୁରମୁଖି ଲିପିରେ ସେ ଲେଖାଲେଖି କରୁଥିଲେ। ଦେଶ ବିଭାଜନ ପରେ ତାଙ୍କ ପରିବାର ଭାରତର ହାଲଦ୍ୱାନିକୁ ପଳାଇ ଆସିଥିବାବେଳେ ୧୯୪୮ରେ ଅମୃତସରରେ ରହିବା ସହ ମନାମୋହନ ସେଠାର ହିନ୍ଦୁ କଲେଜରେ ପଢ଼ିଥିଲେ। ସମଗ୍ର ଶିକ୍ଷା କ୍ୟାରିୟରରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଉଥିଲେ। ୧୯୫୭ରେ କେମ୍ବ୍ରିଜ୍ ୟୁନିଭର୍ସିଟିରୁ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ।

କେମ୍ବ୍ରିଜ୍‌ରୁ ଶିକ୍ଷା ଲାଭ ପରେ ମନମୋହନ ଭାରତ ଫେରି ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ଅର୍ଥନୀତିରେ ପିଏଚ୍.ଡି. କରିବା ପାଇଁ ସେ ୧୯୬୦ରେ ପୁଣି କେମ୍ବ୍ରିଜ୍ ଯାଇଥିଲେ। ଅକ୍ସଫୋର୍ଡରୁ ଅର୍ଥନୀତିରେ ଡକ୍ଟରେଟ କରିବା ପରେ ସେ ୧୯୬୬ରୁ ୧୯୬୯ ଜାତିସଂଘରେ କାର୍ଯ୍ୟ କରିଥିଲେ। ସେ ୧୯୬୯ରୁ ୧୯୭୧ ଦିଲ୍ଲୀ ୟୁନିଭର୍ସିଟିର ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍ସରେ ଅନ୍ତର୍ଜାତୀୟ ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ସତୁରି ଏବଂ ଅଶୀ ଦଶକରେ ସେ ଭାରତ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ। ସେ ୧୯୭୨ରୁ ୧୯୭୬ କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ରହିଥିବାବେଳେ ୧୯୭୬ରେ ଅର୍ଥମନ୍ତ୍ରଣାଳୟର ସଚିବ ହୋଇଥିଲେ। ୧୯୮୨ରୁ ୧୯୮୫ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଏବଂ ୧୯୮୫ରୁ ୧୯୮୭ ଯୋଜନା କମିଶନ ଉପାଧ୍ୟକ୍ଷ ରହିଥିଲେ। ସେ ୧୯୮୭ରୁ ୧୯୯୦ ଯାଏ ଜେନେଭା ମୁଖ୍ୟାଳୟସ୍ଥିତ ସ୍ୱାଧୀନ ଆର୍ଥିକ ନୀତି ଥିଙ୍କ୍‌ଟ୍ୟାଙ୍କ୍ ସାଉଥ୍ କମିଶନର ମହାସଚିବ ରହିଥିଲେ। ୧୯୯୧ରେ ସେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଅଧ୍ୟକ୍ଷ ହୋଇଥିଲେ।



୨୦୨୩ ସେପ୍ଟେମ୍ବର ୧୯ରେ ରାଜ୍ୟ ସଭାରେ ମନମୋହନ ସିଂଙ୍କ ଶେଷ ଉପସ୍ଥିତି।

## ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭାରତୀୟ ଅର୍ଥନୀତି ପାଇଁ ମନମୋହନ ସିଂଙ୍କ ଭୂମିକା ଅତୁଳନୀୟ। ଅର୍ଥନୀତିରେ ସଂସ୍କାର ଆଣିବା ପାଇଁ ସେ ବିଭିନ୍ନ ଭୂମିକାରେ କାର୍ଯ୍ୟ କରିଥିଲେ।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

ଭାରତୀୟ ଅର୍ଥନୀତିରେ ପ୍ରଭୂତ ପରିବର୍ତ୍ତନ ଆଣିବାରେ ବିଶିଷ୍ଟ ଅର୍ଥନୀତିଜ୍ଞ ମନମୋହନ ସିଂହଙ୍କର ଅତୁଳନୀୟ ଅବଦାନ ରହିଥିଲା। ତାଙ୍କ ଆର୍ଥିକ ସଂସ୍କାର ଅନୁସରଣୀୟ।

**-ଜଗଦୀପ ଧନ୍‌କର, ଉପରାଷ୍ଟ୍ରପତି**

ଭାରତ ଜଣେ ପ୍ରତିଷ୍ଠିତ ରାଜନେତାଙ୍କୁ ହରାଇଛି। ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସେ ବ୍ୟାପକ ଉଦ୍ୟମ କରିଥିଲେ।

**- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

ବିଭିନ୍ନ ଭୂମିକାରେ ସେ ଭାରତୀୟ ଶାସନ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

**- ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

ବିପରୀତ ପରିସ୍ଥିତିରେ ଭାରତର ଅର୍ଥନୀତିକୁ ପୁନଃ ନିର୍ମାଣ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦେଶର ବିକାଶ ପାଇଁ ତାଙ୍କର ଅବଦାନ ସର୍ବଦା ମନେରହିବ।

**-ରାଜନାଥ ସିଂହ, ପ୍ରତିରକ୍ଷା ମନ୍ତ୍ରୀ**

ଭାରତ ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଜନେତା ତଥା ଖ୍ୟାତନାମା ଅର୍ଥନୈତିଜ୍ଞଙ୍କୁ ହରାଇଛି। ତାଙ୍କର ଅର୍ଥନୈତିକ ଉଦାରୀକରଣ ନୀତି ଅନେକ କୋଟି ଭାରତୀୟଙ୍କ ଜୀବନରେ ଉନ୍ନତି ଆଣିଥିଲା।

**- ମଲ୍ଲିକାର୍ଜୁନ ଖାର୍ଗେ, ଏଆଇସିସି ଅଧ୍ୟକ୍ଷ**

ସେ ମୋର ପରାମର୍ଶଦାତା ଓ ମାର୍ଗଦର୍ଶକ ଥିଲେ। ଅର୍ଥନୀତିରେ ତାଙ୍କର ଗଭୀର ଜ୍ଞାନ ଦେଶକୁ ସର୍ବଦା ପ୍ରେରଣା ଯୋଗାଇ ଆସିଛି।

**- ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**

ତାଙ୍କ ପରଲୋକରେ ଭାରତ ପାଇଁ ଅପୂରଣୀୟ କ୍ଷତି ହୋଇଛି। ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଜନେତା ଭାବରେ ସେ ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଥିଲେ।

**-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

ସୌମ୍ୟ ଓ ସତ୍ୟ ବ୍ୟକ୍ତିତ୍ୱର ଅଧିକାରୀ ମନମୋହନ ସିଂଙ୍କ ପରଲୋକ କେବଳ ଭାରତ ପାଇଁ ନୁହେଁ, ବରଂ ଏକ ଅନ୍ତର୍ଜାତୀୟ ଅପୂରଣୀୟ କ୍ଷତି।

**-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ**

୧୯୯୧ରୁ ୨୦୧୪ ଭାରତୀୟ ଇତିହାସର ସ୍ୱର୍ଣ୍ଣିମ ଯୁଗ ଥିଲା। ତାଙ୍କଠାରୁ ଅଧିକ ନମ୍ର ଏବଂ ସରଳ ବ୍ୟକ୍ତିତ୍ୱ ଭାରତୀୟ ରାଜନୀତିରେ କେହି ନାହାନ୍ତି।

**- ପି. ଚିଦାମ୍ବରମ୍, ପୂର୍ବତନ ଅର୍ଥମନ୍ତ୍ରୀ**

## ଅପ୍ରତ୍ୟାଶିତ ପ୍ରଧାନମନ୍ତ୍ରୀ

୨୦୦୪ ସାଧାରଣ ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ମିଳିତ ପ୍ରଗତିଶୀଳ ମେଣ୍ଟ (ଉପା) ବିଜୟୀ ହେବା ପରେ ଭାଜପାର ବିରୋଧ ଯୋଗୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀ ନ ହୋଇ ଅପ୍ରତ୍ୟାଶିତ ଭାବେ ମନମୋହନଙ୍କୁ ଏହି ପଦବୀ ପାଇଁ ମନୋନୀତ କରିଥିଲେ। ମନମୋହନ ତାଙ୍କର ପ୍ରଥମ ୫ ବର୍ଷ କାର୍ଯ୍ୟକାଳରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଏ), ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ଏବଂ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ କରିଥିଲେ। ୨୦୦୮ରେ ମନମୋହନ ସରକାର ଆମେରିକା ସହ ବେସାମରିକ ଆଣବିକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହାକୁ ବିରୋଧ କରି ବାମ ଦଳ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ତାଙ୍କ ସରକାର ଭାଙ୍ଗିବାରୁ ଅଳ୍ପକେ ବର୍ତ୍ତିଯାଇଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତର ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ହୋଇଥିଲା।

୨୦୦୯ରେ ଉପା ପୁଣିଥରେ ବିଜୟୀ ହେବା ସହ ମନମୋହନ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହି ସମୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନରେ ଦୁର୍ନୀତି, ୨ଜି ସ୍ପେକ୍ଟ୍ରମ୍ ଦୁର୍ନୀତି, କୋଇଲା ବ୍ଲକ୍ ଆବଣ୍ଟନରେ ଅନିୟମିତତା ଆଦି କାରଣରୁ ସରକାର ବଦନାମ ହୋଇଥିଲା। ମନମୋହନ କେବେ ଲୋକସଭାକୁ ଯାଇ ନ ଥିଲେ। ସେ ୧୯୯୧ରୁ ୨୦୧୯ ଆସାମରୁ ଏବଂ ୨୦୧୯ରୁ ୨୦୨୪ ରାଜସ୍ଥାନରୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରିଥିଲେ।

## ଜୀବନୀ ଉପରେ ବଲିଉଡ୍ ଚଳଚ୍ଚିତ୍ର

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନଙ୍କ ଜୀବନୀ ଉପରେ ୨୦୧୯ରେ 'ଆକ୍ସିଡେଣ୍ଟାଲ ପ୍ରାଇମ୍‌ମିନିଷ୍ଟର' ନାମରେ ଏକ ବଲିଉଡ୍ ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା। ମୟଙ୍କ ତିୱାରୀ ଚଳଚ୍ଚିତ୍ରର କାହାଣୀ ଲେଖିଥିବାବେଳେ ବିଜୟ ଗୁଟ୍ଟେ ନିର୍ଦ୍ଦେଶନା ଦେଇଥିଲେ। ବଲିଉଡ୍ ଅଭିନେତା ଅନୁପମ୍ ଖେର୍ ମନମୋହନଙ୍କ ଭୂମିକାରେ ଅଭିନୟ କରିଥିଲେ।




## ଅର୍ଥନୀତିରେ ଉଦାରୀକରଣ ଆଣିଥିଲେ

୧୯୯୧ରେ ଭାରତ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ବର୍ଷିୟାନ କଂଗ୍ରେସ ନେତା ପି.ଭି. ନରସିଂହ ରାଓ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ। ସେ ଅର୍ଥମନ୍ତ୍ରୀ ଭବେ ୫ ଥର କେନ୍ଦ୍ର ବଜେଟ ଉପସ୍ଥାପନ କରିଥିଲେ। ମନମୋହନ ତାଙ୍କ କ୍ୟାବିନେଟରେ ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ପ୍ରବଳ ବିରୋଧ ସତ୍ତ୍ୱେ ସେ ଭାରତୀୟ ଅର୍ଥନୀତିରେ ଉଦାରୀକରଣ ଆଣିବା ସହ ଅନେକ ଢାଞ୍ଚାଗତ ସଂସ୍କାର କାର୍ଯ୍ୟକାରୀ କରିଥିଲେ। ଏହା ଦେଶକୁ ଆର୍ଥିକ ସଙ୍କଟରୁ ମୁକୁଳାଇବାରେ ସଫଳ ହୋଇଥିଲା ଏବଂ ଜଣେ ସଂସ୍କାରମନା ଅର୍ଥନୀତିଜ୍ଞ ଭାବେ ବିଶ୍ୱସ୍ତରରେ ମନମୋହନଙ୍କ ଖ୍ୟାତି ବଢ଼ିଥିଲା।

୧୯୯୬ ସାଧାରଣ ନିର୍ବାଚନରେ କଂଗ୍ରେସ ପରାଜିତ ହୋଇଥିଲା। ୧୯୯୮ରୁ ୨୦୦୪ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ମନମୋହନ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଥିଲେ।



ସଂସଦରେ ବଜେଟ ଉପସ୍ଥାପନ ପୂର୍ବରୁ।



ତତ୍କାଳୀନ ପ୍ରଧାନମନ୍ତ୍ରୀ ନରସିଂହା ରାଓଙ୍କ ସହ ମନମୋହନ ସିଂ।



ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ସହ।



କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସହ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମନମୋହନ ସିଂ।

**ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଉଦ୍ୟମ, ୨ ଅଟକ**

ବାରଙ୍ଗ,(ଲିଙ୍ଗରାଜ ରାଉତ): ଗୋଡ଼ିସାହି ଫାଣ୍ଡି ଅଧୀନ ଗୋଡ଼ିସାହି ବିଦ୍ୟୁତ୍ ବିଭାଗ ଅନ୍ତର୍ଗତ ରତାଗଡ଼ ନୂଆସାହିରେ ନୂଆକରି ବସିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଗୁରୁବାର ୩ ଯୁବକ ଚୋରି ଉଦ୍ୟମ କରୁଥିଲେ। ଗ୍ରାମର କେତେଜଣ ଯୁବକ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପଚରାଉଚରାବେଳେ ଜଣେ ଦୌଡ଼ି ପଳାଇଥିବାବେଳେ ଗ୍ରାମବାସୀ ଅନ୍ୟ ୨ ଜଣ ଓ ସେମାନଙ୍କ ବାଇକ୍‌କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ସଂକ୍ରାନ୍ତରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବାରୁ ଯୁବକ ଦ୍ୱୟଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।



## ଗାଡ଼ି ସାଇଡ୍‌ମରାକୁ ନେଇ ଯୁବତୀଙ୍କୁ ଅପହରଣ କରିଥିଲେ ଦୁର୍ବୃତ୍ତ, ୨ ଅଟକ

ଭୁବନେଶ୍ୱର,୨୬।୧୨(ସୂର୍ଯ୍ୟକାନ୍ତ ବେହେରା)

ମୈତ୍ରୀବିହାର ଥାନା ଅନ୍ତର୍ଗତ ଲୁମ୍ବିନୀ ବିହାର ଅଞ୍ଚଳରୁ ଗତ ୨୨ତାରିଖ ବିଳମ୍ବିତ ରାତିରେ ପୁରୁଷ ବନ୍ଧୁ ଆକାଶ ସିଂଙ୍କୁ ଆକ୍ରମଣ କରି ଯୁବତୀଙ୍କୁ ଅପହରଣ ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖିବା ସହ ଅପରାଧରେ ବ୍ୟବହୃତ ଗାଡ଼ିକୁ ଠାବ କରିଛି। ତେବେ ଗାଡ଼ି ସାଇଡ୍ ମରାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ରାଗରେ ଏହି ଘଟଣା ଘଟାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ଧରିବାକୁ ଏକ ଟିମ୍ ଗଠନ କରାଯାଇଛି। ଖୁବଶୀଘ୍ର ଘଟଣାର ସବିଶେଷ ତଥ୍ୟ ଦିଆଯିବ ବୋଲି ପୋଲିସ କହିଛି। ସୂଚନାନୁସାରେ, ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀର ଆକାଶ ସିଂ ଓ ଅପହୃତା ଯୁବତୀ ନିଜ ନିଜ ମୋଟରସାଇକେଲରେ ଉତ୍କଳ ହସ୍ପିଟାଲ ରାସ୍ତାରେ ଯାଉଥିବା ସମୟରେ ଲୁମ୍ବିନୀ ବିହାର ପାଖରେ ଆକାଶଙ୍କ ଗାଡ଼ିରୁ ତେଲ ସରିଯାଇଥିଲା। ଟାଙ୍କିରୁ ତେଲ ଆଣି ଗାଡ଼ିରେ ପକାଇବା ସମୟରେ ହଠାତ ଏକ କାର୍‌ରୁ ୪ଜଣ ଯୁବକ ମାରଣାସ୍ତ୍ର ଧରି ଓହ୍ଲାଇବା ସହ ଆକାଶଙ୍କୁ କଟୁରିରେ ଆକ୍ରମଣ କରି ଯୁବତୀଙ୍କୁ ଅପହରଣ କରି ନେଇଥିଲେ। ପରେ ଖଣ୍ଡଗିରି-ପାତ୍ରପଡ଼ା ରାସ୍ତାରେ ଛାଡ଼ି ଦେଇ ପଳାଇଥିଲେ।

# ସରକାରୀ ଚାକିରି ଆବେଦନ ବୟସ ସୀମା ୪୩ ବର୍ଷକୁ ବୃଦ୍ଧି କରାଯାଉ

### ୩ ମନ୍ତ୍ରୀଙ୍କୁ ଭେଟିଲେ ଆଶାୟୀ

ଭୁବନେଶ୍ୱର,୨୬।୧୨(ସୁଚିସ୍ମିତା ସାହୁ)



ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଦାବିପତ୍ର ଦେବା ଅବସରରେ ଚାକିରି ଆଶାୟୀମାନେ।

ରାଜ୍ୟରେ ବେକାରି ସମସ୍ୟା ବଢୁଥିବାବେଳେ ସରକାରୀ ଚାକିରି ଅପେକ୍ଷାରେ ହଜାର ହଜାର ମେଧାବୀ ରହିଛନ୍ତି। ମାତ୍ର ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା ସେମାନଙ୍କ ସ୍ୱପ୍ନକୁ ଭାଙ୍ଗି ଦେଉଛି। କେତେବେଳେ ଲିଖିତ ପରୀକ୍ଷା ବିଳମ୍ବରେ ହେଉଛି ତ ପୁଣି ଫଳ ବିଳମ୍ବରେ ବାହାରୁଛି। ଏଥିପାଇଁ ବହୁ ମେଧାବୀଙ୍କ ବୟସସୀମା ଗଡିଯିବାରୁ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ସରକାରୀ ଚାକିରି ଆବେଦନ ସର୍ବୋଚ୍ଚ ବୟସସୀମା ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ୪୩ ବର୍ଷକୁ ବୃଦ୍ଧି କରିବାକୁ ଆଶାୟୀ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି। ବିଶେଷକରି ୨୦୨୪, ୨୦୨୫ ଓ ୨୦୨୬ ତିନିବର୍ଷ ପାଇଁ ପୁନଃ ବୟସସୀମା ବୃଦ୍ଧି ନିମନ୍ତେ ଚାକିରି ଆଶାୟୀମାନେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବହୁ ନେତା ଓ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବିଗତ ସରକାର ୧୫ବର୍ଷ ଧରି ସରକାରୀ ପଦବୀ ନିୟମିତ ଭାବେ ପୂରଣ କରୁ ନ ଥିଲେ। ଯେକୌଣସି ପଦବୀ ବାହାରିଲେ ସୁଦ୍ଧା ତା'ର ଲିଖିତ ପରୀକ୍ଷା ଓ ଫଳ ବାହାରିଲା ବେଳକୁ ୪ରୁ ୫ ବର୍ଷ ହୋଇଯାଉଥିଲା। ଫଳରେ ବହୁ ମେଧାବୀଙ୍କ ବୟସସୀମା ଅତିବାହିତ ହୋଇଯାଉଥିଲା। ଏପରିକି କରୋନା ମହାମାରୀ ସମୟରେ ସରକାର ପ୍ରାୟ ୨ବର୍ଷ ଯାଏ କୌଣସି ସରକାରୀ ପଦବୀ ପୂରଣ ପାଇଁ ବିଜ୍ଞାପନ ପ୍ରକାଶ କରି ନ ଥିଲେ। ସମୟ ଅତିକ୍ରମ କରିବାବେଳକୁ ପରୀକ୍ଷାର୍ଥୀଙ୍କ ବୟସ ଆହୁରି ମଧ୍ଯ ଅତିବାହିତ ହୋଇଯାଇଥିଲା। ସେହି ସମୟରେ ବୟସସୀମା ୪୨ବର୍ଷକୁ ବୃଦ୍ଧି କରିବା ପାଇଁ ଅନୁରୋଧ କରିବାରୁ ସରକାର ସର୍ବୋଚ୍ଚ ବୟସସୀମାକୁ ଅସ୍ଥାୟୀଭାବେ ୩୮ ବର୍ଷକୁ ବୃଦ୍ଧି କରାଇଥିଲେ। ଫଳରେ ବହୁ ପରୀକ୍ଷାର୍ଥୀ ଚାକିରି ସୁଯୋଗରୁ ବଞ୍ଚିତ ହୋଇଥିଲେ। ସରକାର ଯଦି ନିୟମିତ ପ୍ରତିବର୍ଷ ପରୀକ୍ଷା କରି ଠିକ୍ ସମୟରେ ଫଳ ପ୍ରକାଶ କରିଥା'ନ୍ତେ, ତା'ହେଲେ ବର୍ତ୍ତମାନ ସୁଦ୍ଧା ୨ଲକ୍ଷରୁ ଅଧିକ ପଦବୀ ପୂରଣ ହୋଇସାରିଥାଆନ୍ତା। ବର୍ତ୍ତମାନର ସରକାର ବିଧାନସଭାରେ ଖାଲି ପଡିଥିବା ଦେଢ଼ଲକ୍ଷ ପଦବୀ ପୂରଣ କରିବାକୁ ଘୋଷଣା କରିଛନ୍ତି। ଏନେଇ ବହୁ ମେଧାବୀ ଆଶାବାଦୀ ଥିବାରୁ ବୟସସୀମା ବୃଦ୍ଧି କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଓଡ଼ିଶାରେ ଏସ୍‌ଏସ୍‌ବି ଅଧ୍ୟାପକ ପଦବୀ ଆବେଦନ ବୟସ ସୀମା ୪୨ବର୍ଷ ରଖାଯାଇଥିବା ବେଳେ ଓପିଏସ୍‌ସି ଆସିଷ୍ଟାଣ୍ଟ ପ୍ରଫେସର ଆବେଦନ ବୟସ ସୀମା ୪୫ ବର୍ଷ ରହିଛି। ଇତିମଧ୍ୟରେ ଅନ୍ୟ ରାଜ୍ୟ ସରକାରୀ ଚାକିରି ପାଇଁ ଆବେଦନର ସର୍ବୋଚ୍ଚ ବୟସ ସୀମା ବୃଦ୍ଧି କରିଛନ୍ତି। ସେହିଭଳି ଓଡ଼ିଶା ସରକାରୀ ଚାକିରି ଆବେଦନର ବୟସ ସୀମା ୪୩ବର୍ଷକୁ ବୃଦ୍ଧି କରାଗଲେ ହଜାର ହଜାର ଶିକ୍ଷିତ ଗରିବ ମେଧାବୀ ପରୀକ୍ଷାର୍ଥୀ ଉପକୃତ ହେବେ ବୋଲି ଜଣାଇଛନ୍ତି।

## ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ



ଭୁବନେଶ୍ୱର,୨୬।୧୨(ସୁଚିସ୍ମିତା ସାହୁ)

ଉଜ୍ଜ୍ୱଳା ଯୋଜନାରେ ମାସିକ ୧୫ହଜାର ଟଙ୍କା ଦରମା ଭିତ୍ତିକ ସ୍ଥାୟୀ ନିଯୁକ୍ତି, ସାମାଜିକ ସୁରକ୍ଷା, ଜୀବନ ବୀମା, ଡ୍ରେସ୍ କୋଡ୍, ସ୍ୱତନ୍ତ୍ର ଉଜ୍ଜ୍ୱଳା ଆପ୍ ମାଧ୍ୟମରେ କାର୍ଯ୍ୟ ଯୋଗାଇବା ଆଦି ୭ ଦଫା ଦାବିକରି ଆସୁଛି

ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ। ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇବା ପରେ ସଂଘ କର୍ମକର୍ତ୍ତା ଏବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଆଲୋଚନା କରିଛନ୍ତି। ସଂଘ ସଭାପତି କାଦମ୍ବିନୀ ସ୍ୱାଇଁଙ୍କ ନେତୃତ୍ୱରେ ୩୦ ଜିଲାର ପ୍ରମୁଖ ଦିଦିମାନେ ସୋମବାର ଭୁବନେଶ୍ୱରରେ ଉପମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ସମ୍ବନ୍ଧରେ ଜାନୁଆରୀ ୨୬ ପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ନିଯୁକ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଂଘ ସଭାପତି ସ୍ୱାଇଁ କହିଛନ୍ତି।

ଗତ ସାଧାରଣ ନିର୍ବାଚନ ସମୟରେ ଉଜ୍ଜ୍ୱଳା ଦିଦିଙ୍କୁ ରାଜ୍ୟ ଭାଜପା ସଭାପତି ସାମଲ କହିଥିଲେ, ଭାଜପା ସରକାର ଆସିବାର ୩ ମାସ ମଧ୍ୟରେ ୧୫ହଜାର ଭିତ୍ତିକ ସ୍ଥାୟୀ ନିଯୁକ୍ତି ଦିଆଯିବ। ପ୍ରତିଶ୍ରୁତି ଦେବାର ୩ ମାସ ପରେ କୌଣସି ସୁଫଳ ନ ମିଳିବାରୁ ଡିସେମ୍ବର ୯ରେ ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡାକରା ଆସିବା ପରେ ସଂଘ କର୍ମକର୍ତ୍ତା ଉପମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ୨/୩ ଦିନ ପରେ ମେସେଜ ଓ ଫୋନ୍‌ରେ ଜଣାଇ ଦିଆଯିବ ବୋଲି ସଚିବ କହିଥିଲେ। ହେଲେ ନିର୍ଦ୍ଧାରିତ ସମୟ ଭିତରେ କୌଣସି ଉତ୍ତର ନ ମିଳିବାରୁ ସଂଘର ଜିଲାସ୍ତରୀୟ ସଭାପତିମାନେ ଉପମୁଖ୍ୟମନ୍ତ୍ରୀ ଓ ଭାଜପାର ରାଜ୍ୟ ସଭାପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଟ୍ରାନ୍ସଜେଣ୍ଡରଙ୍କ ପାଇଁ ସ୍ୱତନ୍ତ୍ର କ୍ଲିନିକ୍ ଉଦ୍‌ଘାଟିତ



ବାଲିଅନ୍ତା,୨୬।୧୨(ନୀଳମାଧବ ସାହୁ)

ଟ୍ରାନ୍ସଜେଣ୍ଡରଙ୍କ ପାଇଁ ହାଇଟେକ୍ ହସ୍ପିଟାଲ ପରିସରରେ ଗୁରୁବାର ଏକ ସ୍ୱତନ୍ତ୍ର କ୍ଲିନିକ ଖୋଲିଛି। ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଓ 'ଶଖୀ'ର ମିଳିତ ସହଯୋଗରେ ଟ୍ରାନ୍ସଜେଣ୍ଡରଙ୍କୁ ସ୍ୱାସ୍ଥ୍ୟକ୍ଷେତ୍ରରେ ସାମିଲକରି ସମସ୍ତ ସ୍ୱାସ୍ଥ୍ୟଗତ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହି କ୍ଲିନିକ 'ପୂର୍ଣ୍ଣତା' ଉଦ୍‌ଘାଟିତ ହୋଇଯାଇଛି। ହାଇଟେକ୍ ଗ୍ରୁପର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଏହି ନୂତନ କ୍ଲିନିକକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଓଡ଼ିଶା ସରକାରଙ୍କ ଏସ୍‌ଏସ୍‌ପିଡି ବିଭାଗର ଉପ-ସଚିବ ସନ୍ନ୍ୟାସୀ ବେହେରା, ହାଇଟେକ୍ ଗ୍ରୁପର ନିର୍ଦ୍ଦେଶକ ରାକେଶ କୁମାର ପାଣିଗାହୀ, ଡା. ଅମିତ୍ ପାଟ୍ଟଯୋଶୀ ଓ ଓଡ଼ିଶା ଟ୍ରାନ୍ସଜେଣ୍ଡର କଲ୍ୟାଣ ଟ୍ରଷ୍ଟର ମୀରା ପରିଡ଼ା ଓ ଡ. ଅଶୋକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସରିଲା ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ

ଭୁବନେଶ୍ୱର,୨୬।୧୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀ ଇଣ୍ଟରନ୍ୟାଶନାଲ ଫୋରମ୍ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ୧୫ତମ ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସମ୍ମାନିତ ଅତିଥିଭାବେ ଦୀପ୍ତି ମିଶ୍ର, ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ଗୁରୁ ବିଜୟ କୁମାର ଜେନା, ଗୁରୁ ପୀତାମ୍ବର ବିଶ୍ୱାଳ, ରୀନା ରାଉତରାୟ ଯୋଗଦେଇଥିଲେ। ପୂର୍ବାହ୍ନ ଅଧିବେଶନରେ ୧୦ ଓ ୨୦ବର୍ଷରୁ କମ୍ ବୟସରେ ଓଡ଼ିଶୀ ନୃତ୍ୟ ଶିଳ୍ପୀମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅପରାହ୍ନ ଅଧିବେଶନରେ ୩୦ବର୍ଷରୁ କମ୍ ବୟସର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀ ମଧୁସ୍ମିତା ମହାନ୍ତି ଓ ଗୁରୁ ପ୍ରଭାତ କୁମାର ସ୍ୱାଇଁଙ୍କ ଏକକ ନୃତ୍ୟରୁ ସନ୍ଧ୍ୟା ଅଧିବେଶନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ନବଦୁର୍ଗା, ଯାହାକୁ ପରିବେଷଣ କରିଥିଲେ ଗୁରୁ ରୁଦ୍ର ପ୍ରସାଦ ସ୍ୱାଇଁଙ୍କ ଅନୁଷ୍ଠାନ ସଞ୍ଚାରୀ ଏନ୍‌ସେମ୍ବଲ୍‌ର ଶିଳ୍ପୀମାନେ। ଗୁରୁ ନମିତା ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଡ୍ୟାନ୍ସ ଏକାଡେମୀର ଶିଳ୍ପୀଙ୍କ ଦ୍ୱାରା ଜଗନ୍ନାଥ ଅଷ୍ଟକମ୍ ପରିବେଷିତ ହୋଇଥିଲା। ଏହା




ସୃଷ୍ଟି ମହାପାତ୍ର ଓ ନୃତ୍ୟ ନୈବେଦ୍ୟର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାଗ ପିଲୁ ଓ ତାଳ ଜତିରେ ନିବଦ୍ଧ ଥିଲା ଏବଂ ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସାଇଁ ଓ ନୃତ୍ୟ ସଂରଚନା ଗୁରୁ ଦୁର୍ଗା ଚରଣ ରଣବୀର କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ଗୁରୁ ପ୍ରଭାତ କୁମାର ସ୍ୱାଇଁଙ୍କ ଅନୁଷ୍ଠାନ ନୃତ୍ୟ ନୈବେଦ୍ୟର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ। ଉଦ୍‌ଯାପନୀ ସନ୍ଧ୍ୟାର ଅନ୍ତିମ ପରିବେଷଣଟି ଥିଲା ଅଦ୍ଭୁତ ରାଓ୍ୱା ଏକାଡେମୀର ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଶିବାଷ୍ଟକ। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଦେବ ପ୍ରସାଦ ଦାସ ଓ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଭରତ ଚନ୍ଦ୍ର ଗିରି। ଉତ୍ସବଟିକୁ ଶ୍ୟାମହରି ଚକ୍ର ପରିଚାଳିତ କରିଥିବାବେଳେ ସଂଘମିତ୍ରା ମୁଦୁଲି, ସୁଚେତା ମିଶ୍ର, ଡ. ପମ୍ପି ପଲ୍, ମନୋସଦନୀ ମହାନ୍ତି, ଦୀନବନ୍ଧୁ ପତି ଓ ସ୍ୱାଧୀନ କୁମାର ସହଯୋଗ କରିଥିଲେ।

## କୁଞ୍ଜବିହାରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର ଉଦ୍‌ଯାପିତ

ତ୍ରିଶୂଳିଆ,୨୬।୧୨(ତୁଷାରକାନ୍ତ ବେହେରା)

ସ୍ଥାନୀୟ କୁଞ୍ଜବିହାରୀ ମହାବିଦ୍ୟାଳୟରେ ଦେଢ଼ମାସ ଧରି ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଆଲୋଚନାଚକ୍ର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରାୟ ୧୭ଟି ବିଷୟରେ ଆଲୋଚନା ହୋଇଥିବାବେଳେ ୩ଟି ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଜଣାଶୁଣା ଶିକ୍ଷାବିତ୍ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିବାବେଳେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ମଧ୍ୟ ସେମାନଙ୍କ ସନ୍ଦର୍ଭ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ଡ. ଲିପିପୁଷ୍ପା ନାୟକ ଏହି ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବିଶିଷ୍ଟ ସାହିତ୍ୟିକ ତରୁଣକାନ୍ତି ମିଶ୍ର ଯୋଗଦେଇ ସୁଶାସନ ଓ ସୃଜନଶୀଳତା ଉପରେ ଆଲୋକପାତ କରିଥିଲେ। ନାକ୍ ସଂଯୋଜକ ଡ. ସନ୍ତୋଷ ମିଶ୍ର ବିଭିନ୍ନ ଆଲୋଚନାକୁ ସଂକ୍ଷେପରେ ଆଲୋକପାତ କରିଥିଲେ। ଅନିଲ କୁମାର ପାଢ଼ୀ ଅତିଥି ପରିଚୟ ଓ ଡ. ଜୟଶ୍ରୀ ନନ୍ଦ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାରୁ ଗୋଏଲ, ଡ. ପ୍ରବୀର ମହାନ୍ତି, ପ୍ରକାଶ ପରିଡ଼ା, ଡ. ସୁରେନ୍ଦ୍ର ସାହୁ, କିଶୋର ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜମି ଅଧିଗ୍ରହଣ ବେଳେ ଗ୍ରାମବାସୀଙ୍କ ବିରୋଧ

### ପୁନର୍ବିଚାର ପାଇଁ ପ୍ରଶାସନକୁ ଦାବି

ବାରଙ୍ଗ,୨୬।୧୨(ଲିଙ୍ଗରାଜ ରାଉତ)



ଜଳ ବିଶୋଧନାଗାର କରିବାକୁ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇଥିବାବେଳେ ଗୁରୁବାର ଗ୍ରାମବାସୀଙ୍କ ବିରୋଧ ଯୋଗୁ ପ୍ରଶାସନକୁ ଫେରିବାକୁ ପଡ଼ିଛି। ଏହି ଘଟଣା କଟକ ବାରବାଟୀ ନିର୍ବାଚନ ମଣ୍ଡଳୀ ୩ ନଂ. ୱାର୍ଡର ବେଣ୍ଟକାରପଡ଼ା ଗ୍ରାମ ନିକଟ କାଠଯୋଡ଼ି ନଦୀପଠାରେ ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ବେଣ୍ଟକାରପଡ଼ା ଗ୍ରାମ ନିକଟ କାଠଯୋଡ଼ି ନଦୀପଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂତନ ଜଳ ବିଶୋଧନାଗାର ନିର୍ମାଣ ପାଇଁ ଆଗରୁ ଫଳକ ମରାଯାଇଥିଲା। ଗୁରୁବାର ଏହି ସରକାରୀ ଜମିକୁ ଅଧିଗ୍ରହଣ କରିବାକୁ ଜେସିବି ସହାୟତାରେ ପ୍ରଶାସନ ପକ୍ଷରୁ ସଫା କରାଯାଇଥିଲା। ଖବର ପାଇ ବେଣ୍ଟକାରପଡ଼ା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଏହାର ବିରୋଧ କରିଥିଲେ। ଫଳରେ ପ୍ରଶାସନକୁ ସେଠାରୁ ଫେରିବାକୁ ପଡ଼ିଥିଲା। ଗ୍ରାମବାସୀଙ୍କ କହିବା ମୁତାବକ, ଦୀର୍ଘଦିନ ହେବ ଏହି ଜାଗାକୁ ଗ୍ରାମର ପିଲାମାନେ ଖେଳପଡ଼ିଆ ଭାବେ ବ୍ୟବହାର କରି ଆସୁଛନ୍ତି। ଅବଶିଷ୍ଟାଂଶ ଜାଗାକୁ ଗ୍ରାମ ଶ୍ମଶାନ ଭାବେ ବ୍ୟବହାର କରାଯାଉଥିଲା। ଶ୍ମଶାନ ଜମି ନ ଥିବାରୁ ବେଣ୍ଟକାରପଡ଼ା ସମେତ ଆଖପାଖ ଗ୍ରାମବାସୀ ଏଠାରେ ମୃତଦେହ ସଂସ୍କାର କରୁଥିଲେ। ଏହି ସରକାରୀ ଜାଗାରେ ଜଳ ବିଶୋଧନାଗାର ନିର୍ମାଣ କରାଗଲେ ଗ୍ରାମବାସୀ ହଇରାଣ ହେବେ। ଏଥିପ୍ରତି ପୁନଃ ବିଚାର କରିବାକୁ ପ୍ରଶାସନ ପାଖରେ ଗ୍ରାମବାସୀ ଦାବି କରିଛନ୍ତି।

## ସୃଜନିକା, ସ୍ନିଗ୍ଧାରାଣୀଙ୍କୁ 'ସର୍ବେଶ୍ୱର ସାମଲ ସ୍ୱର୍ଣ୍ଣ ପଦକ'

ଭୁବନେଶ୍ୱର,୨୬।୧୨(ସୁଚିସ୍ମିତା ସାହୁ)

### ରାଜଧାନୀ କଲେଜରେ ଶିକ୍ଷା ଗବେଷଣା କର୍ମଶାଳା

ରାଜଧାନୀ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଚାଲିଥିବା ପାଞ୍ଚଦିନିଆ ଗବେଷଣା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଆର୍‌ଆଇଇର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁଭାଷ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ମହାପାତ୍ର ଓ ମିନତି ମିଶ୍ର ଯୋଗଦେଇଥିଲେ। ପ୍ରଫେସର ଲକ୍ଷ୍ମୀଧର ବେହେରା ଓ ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ଯୋଗଦେଇ ଗବେଷଣାର ସୋପାନ ଏବଂ ହାଇପୋଥେସିସ୍ ଉପରେ ଆଲୋଚନା କରିଥିଲେ। ପ୍ରଫେସର ସୁରେଶ କୁମାର ତ୍ରିପାଠୀ ମିଶ୍ରିତ ଗବେଷଣା ଓ ଡ. ବିକଳି ଚରଣ ଦାସ ନମୁନା ସଂଗ୍ରହ ଏବଂ ଏହାର ପ୍ରକାରଭେଦ ବିଷୟରେ ଆଲୋକପାତ କରିଥିଲେ। ଡ. ଶରତ କୁମାର କଣ୍ଡ ଓ ଡ. ସସ୍ମିତା କର ଯୋଗଦେଇ ନମୁନା ସଂଗ୍ରହ ତଥା ଗୁଣାତ୍ମକ ଗବେଷଣା ଉପରେ କାର୍ଯ୍ୟ କରିବାକୁ କହିଥିଲେ। ଉଦ୍‌ଯାପନୀ ଦିବସରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡା ଓ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇ ଗବେଷଣାର ମିଶ୍ରଣ ପଦ୍ଧତି ଓ କ୍ରିୟାତ୍ମକ ଗବେଷଣାର ସୋପାନ, ପଦ୍ଧତି ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରୁ ଶିକ୍ଷା ସ୍ନାତକୋତ୍ତର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସୃଜନିକା ଦାଶ ଓ ସ୍ନିଗ୍ଧାରାଣୀ ଦାଶଙ୍କୁ 'ଡ. ସର୍ବେଶ୍ୱର ସାମଲ ସ୍ୱର୍ଣ୍ଣ ପଦକ' ପ୍ରଦାନ କରାଯାଇଥିଲା। ଉତ୍ସବକୁ ଶିକ୍ଷା ବିଭାଗର ମୁଖ୍ୟ ଡ. ସରୋଜକାନ୍ତ ଚୌଧୁରୀ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ଦେବଦତ୍ତା ଶତପଥୀ, ମଧୁସ୍ମିତା ସାମଲ, ଶୁଭଶ୍ରୀ ମହାନ୍ତି ଓ ସସ୍ମିତା ସୁନ୍ଦରାୟ ସଂଯୋଜନା କରିଥିଲେ। ଶିକ୍ଷାର୍ଥୀ ଅଧିକାରୀ ରଶ୍ମିକାନ୍ତ, ଆଶିଷ, ଚିନ୍ମୟ, ଲିପୁ, ଅସୀମ, ସୁବ୍ରତ, ପ୍ରିୟଙ୍କା, ସୁଶ୍ରୀ, ଇପ୍‌ସିତା, କଲ୍ୟାଣୀ, ମଧୁସ୍ମିତା ପ୍ରମୁଖ ଆଲୋଚନାରେ ଭାଗନେବା ସହ ମଞ୍ଚ ପରିଚାଳନା କରିଥିଲେ। ଛାତ୍ର ମନୋଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ




ଭୁବନେଶ୍ୱର,୨୬।୧୨(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ଗୁରୁବାର ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ସମାଚାର ପତ୍ରିକାର ମୁଖ୍ୟ ସମ୍ପାଦକ ଦିଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ସମ୍ମିଳନୀର ଉପଦେଷ୍ଟା ତଥା ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଅନ୍ୟତମ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ଉପଦେଷ୍ଟା ନିରଞ୍ଜନ ଦାଶ ଅତିଥିମାନଙ୍କୁ ଉତ୍କଳ ସମ୍ମିଳନୀର ଫଳକ ପ୍ରଦାନ କରି ସମ୍ମାନିତ କରିଥିବା ବେଳେ ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ରାକେଶ ପଣ୍ଡାଙ୍କୁ 'ଉତ୍କଳ ରତ୍ନ' ସମ୍ମାନ



ଅତିଥିମାନେ ଗାଳ୍ପିକ ରାକେଶ ପଣ୍ଡାଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)

ଲେଖନୀ ମାଧ୍ୟମରେ ସମାଜର ଶ୍ରେଷ୍ଠ ହିତ ସାଧନ ଓ ଜନସେବା ପ୍ରତି ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ଯୁବକବି, ଗାଳ୍ପିକ ତଥା ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ 'ଉତ୍କଳ ରତ୍ନ-୨୦୨୪'ରେ ସମ୍ମାନିତ କରାଯାଇଛି। ସୁସମ୍ବାଦ ଚାରିଟେବୁଲ ଟ୍ରଷ୍ଟ ଏବଂ ଯୁବ ସଦନ ପକ୍ଷରୁ ଗୁରୁବାର ସୂଚନା ଭବନଠାରେ 'ଯୁବ ସଦନ -୨୦୨୪' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୁବବର୍ଗରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପଣ୍ଡାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଓ ଜଗନ୍ନାଥ ପ୍ରଧାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇଥିଲେ।

## ପୋଲିସ ଚଢ଼ାଉବେଳେ ଦୋକାନୀ ଟଳିପଡ଼ିଲେ

ଟାଙ୍ଗୀ,୨୬।୧୨(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ବରିକୋ ଗ୍ରାମ ନିକଟ ଏକ ଗ୍ରସେରି ଦୋକାନରେ ନିଶାଦ୍ରବ୍ୟ ବିକ୍ରି ହେଉଥିବା ସନ୍ଦେହରେ ବୁଧବାର ରାତିରେ ପୋଲିସର ଚଢ଼ାଉ ବେଳେ ବ୍ୟବସାୟୀ ଜଣଙ୍କ ଟଳିପଡ଼ିଥିଲେ। ମୃତକ ହେଲେ ଝରିଆ ଗ୍ରାମର ନୀଳକଣ୍ଠ ପଲାଇ(୪୮)। ସୂଚନା ମୁତାବକ, ଉକ୍ତ ଦୋକାନରେ ନିଶାଦ୍ରବ୍ୟ ବିକ୍ରି ହେଉଥିବା ସନ୍ଦେହ କରି ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ଦୋକାନୀ ନୀଳକଣ୍ଠ ହଠାତ୍ ଟଳିପଡ଼ିଥିଲେ। ପୋଲିସ ଚଢ଼ାଉ ବନ୍ଦ କରି ନୀଳକଣ୍ଠଙ୍କୁ ଚିକିତ୍ସା ପାଇଁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଦର୍ଶକଙ୍କୁ ବିମୋହିତକଲା ମୟୂରଭଞ୍ଜର ଛଉନୃତ୍ୟ

### ଅଷ୍ଟାଦଶ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଘାଟିତ

ବାଲକାଟୀ,୨୬।୧୨(ମନୋଜ ମଣ୍ଡଳ)




ରାଜଧାନୀ ଉପକଣ୍ଠ ହୀରାପୁରସ୍ଥିତ ମହାମାୟା ଚଉଷଠି ଯୋଗିନୀଙ୍କ ପୀଠରେ ଗୁରୁବାରଠାରୁ ଅଷ୍ଟାଦଶ ଚଉଷଠି ଯୋଗିନୀ ମହୋତ୍ସବ ଆରମ୍ଭ ହୋଇଯାଇଛି। ଚଉଷଠି ଯୋଗିନୀ ମହୋତ୍ସବ କମିଟି, ହୀରାପୁର ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଅନ୍ତା ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ଜିଲା ପରିଷଦ ସଦସ୍ୟ ମହେଶ୍ୱର ଦାସ ଓ କୁନ୍‌ମୁନ୍ ଲେଙ୍କା, ପବିତ୍ରମୋହନ ପଟେଲଙ୍କ ସମେତ ଅଚ୍ୟୁତାନନ୍ଦ ପାତ୍ର, ଅନୁପମା ମାର୍ଥା, ପ୍ରଦୀପ୍ତ ଜେନା ମଣି, କିଶୋର ଜେନାଙ୍କ ସମେତ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ମଞ୍ଚାସୀନ ଥିଲେ। କମିଟି ସଭାପତି ସୁକାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାଶଙ୍କ ଲିଖିତ 'ଗାଁର ନା ହୀରାପୁର' ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାର ପ୍ରଥମ ପର୍ବରେ ଚଉଷଠି ଯୋଗିନୀଙ୍କ ଚରଣାବିନ୍ଦରେ ସମର୍ପିତ ଭଜନ ଦର୍ଶକଙ୍କୁ ବିଭୋର କରିଥିଲା। ଗୁରୁ ବୃନ୍ଦାବନ ଜେନାଙ୍କ ରଚିତ, ଗୁରୁ ସଚ୍ଚିକାନ୍ତ ନାୟକଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏହି ଭଜନକୁ ଶାଶ୍ୱତ, ଚନ୍ଦ୍ରଶେଖର, ତନୁଜା ପ୍ରମୁଖ କଣ୍ଠଶିଳ୍ପୀ ଗାଇଥିଲେ। ଦ୍ୱିତୀୟ ପର୍ବରେ ଯୁବ କଣ୍ଠଶିଳ୍ପୀ କୁମାର ଧନୁଷ ଜଗନ୍ନାଥଙ୍କ ଭଜନ ଦର୍ଶକଙ୍କୁ ବେଶ ଆମୋଦିତ କରିଥିଲା। ପରେ ଭୁବନେଶ୍ୱରର ଆରାଧନା ଡ୍ୟାନ୍ସ ଗ୍ରୁପର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମୟୂରଭଞ୍ଜରୁ ଆସିଥିବା କଳାକାରଙ୍କ ଛଉ ନୃତ୍ୟକୁ ଦର୍ଶକ ଉପଭୋଗ କରିଥିଲେ। ଶେଷ ପର୍ବରେ ଖୋର୍ଦ୍ଧାରୁ ଆସିଥିବା କଳାକାର ପାଇକ ଆଖଡ଼ା ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଲଳିତ ଢଙ୍ଗରେ ମିଳନ ସଞ୍ଚାଳନ କରିଥିଲେ।

**ସଂକ୍ଷେପରେ**

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଉଦ୍ୟମ, ୨ ଅଟକ

ବାରଙ୍ଗ,୨୬।୧୨(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ଅଧୀନ ରତାଗଡ଼ ନୂଆସାହିରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଉଦ୍ୟମ କରିବା ଅଭିଯୋଗରେ ପୋଲିସ ୨ ଜଣକୁ ଅଟକ ରଖି ପଚରାଉଚରା କରୁଛି।

ପ୍ରକାଶ ଯେ, ଗୁରୁବାର ଗୋଡ଼ିସାହି ବିଦ୍ୟୁତ୍ ବିଭାଗ ଅନ୍ତର୍ଗତ ରତାଗଡ଼ ନୂଆସାହିରେ ନୂଆକରି ବସିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ୩ ଯୁବକ ଚୋରି ଉଦ୍ୟମ କରୁଥିଲେ। ୨ ଜଣ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଟ୍ରାନ୍ସଫର୍ମର ଖୋଲୁଥିବାବେଳେ ଅନ୍ୟ ଜଣେ ଲୋକଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଗ୍ରାମର କେତେଜଣ ଯୁବକ ଏମାନଙ୍କ ହାବଭାବକୁ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ତଳେ ଥିବା ଯୁବକଙ୍କୁ ପଚାରିବାରେ, ସେ ସେଠାରୁ ଦୌଡ଼ି ପଳାଇଥିଲେ। ଅନ୍ୟ ୨ ଜଣ ଓ ସେମାନଙ୍କ ବାଇକ୍‌କୁ ଧରି ଗ୍ରାମର ଯୁବକମାନେ ପୋଲିସକୁ ହସ୍ତାନ୍ତର କରିଥିଲେ। ତେବେ ଏ ସଂକ୍ରାନ୍ତରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବାରୁ ଯୁବକ ଦ୍ୱୟଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଆରମ୍ଭ କରିଥିବା ଜଣାପଡ଼ିଛି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କାଟ ଖାଇଲା

### ନତକାଇ ପଞ୍ଚାୟତ

ନିଶ୍ଚିନ୍ତକୋଇଲି,୨୬।୧୨ (ଅଶୋକ କୁମାର ମହାପାତ୍ର) :

କୋରମ ଅଭାବରୁ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ କାଟ ଖାଇଛି। ଫଳରେ ସରପଞ୍ଚଙ୍କ ପଦବୀ ସୁରକ୍ଷିତ ରହିଛି। ଏହି ଘଟଣାଟି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତର ଯୁବ ସରପଞ୍ଚ ଜୟଦେବ ରାଉତଙ୍କ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଏକାନ୍ତ ଅନୁଗତ ହୋଇଥିଲାବେଳେ ସେ ବିଜେଡିର ଜଣେ ଆଗ ଧାଡିର ଯୁବନେତା ଭାବେ ପରିଚିତ। ମାତ୍ର ସରପଞ୍ଚ ରାଉତ ଉପେକ୍ଷା କରୁଥିବା ଅଭିଯୋଗ ଆଣି ୱାର୍ଡ ସଭ୍ୟ କମଳା ବସ୍ତିଆ, ଲକ୍ଷ୍ମୀପ୍ରିୟା ରାଉତ, ଗୀତାଞ୍ଜଳୀ ବେହେରା, ଭକ୍ତବନ୍ଧୁ ପଣ୍ଡା, ନମିତା କର, ଭାଗବତ ଦାସ ପ୍ରମୁଖ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଲାଗି କଟକ ଉପଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। କଟକ ଉପଜିଲାପାଳ ଜ୍ୟୋତି ଶଙ୍କରରାୟ ଏହି ଆବେଦନର ବିଚାର କରି ଡିସେମ୍ବର ୨୬ ପୂର୍ବାହ୍ନ ୧୧ଟାରେ ନତକାଇ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରିବା ସହ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ଗ୍ରହଣ ନିମନ୍ତେ ମାହାଙ୍ଗା ତହସିଲଦାର ସୁଶାନ୍ତ କୁମାର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିରୋଧି ଶିବିରରେ ଥିବା ଏହି ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୫ଜଣ ୱାର୍ଡ ସଭ୍ୟ ଉପସ୍ଥିତ ଥିଲା ବେଳେ ସରପଞ୍ଚ ଓ ତାଙ୍କର ସମର୍ଥିତ ୬ଜଣ ୱାର୍ଡ ସଭ୍ୟ ଅନୁପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୋରମ ଅଭାବରୁ ଅନାସ୍ଥା ପ୍ରସ୍ତାବ କାଟ ଖାଇଲା ବୋଲି ନିର୍ବାଚନ ଦାୟିତ୍ୱରେ ଥିବା ମାହାଙ୍ଗା ତହସିଲଦାର ଘୋଷଣା କରିଥିଲେ। ଏହି ଘୋଷଣା ସରିବା ମାତ୍ରେ ସରପଞ୍ଚ ରାଉତଙ୍କ ନେତୃତ୍ୱରେ ତାଙ୍କର ସମର୍ଥକମାନେ ବାଣ ଫୁଟାଇ ଶୋଭାଯାତ୍ରା କରିଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ସରପଞ୍ଚ ଜୟଦେବ ରାଉତ ଓ ତାଙ୍କ ସମର୍ଥକମାନେ।

# ଧାନର ଗୁଣାତ୍ମକ ମାନ ନିର୍ଦ୍ଧାରଣ ପାଇଁ ପ୍ରଶିକ୍ଷଣ

ଆଠଗଡ,୨୬।୧୨(ସତ୍ୟ ପ୍ରସାଦ ରଥ)

ଚଳିତ ଖରିଫ ଋତୁରେ ଚାଷୀମାନଙ୍କର ବଳକା ଧାନ କ୍ରୟ କରିବା ପାଇଁ ଏହାର ମାନ ନିର୍ଦ୍ଧାରଣ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ନରସିଂହପୁର ବଜାର କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଉପଜିଲାପାଳ ତଥା ବଜାର କମିଟି ସଭାପତି ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆଧୁନିକ ଯନ୍ତ୍ରପାତି ସହାୟତାରେ କିପରି ଧାନ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ପାରିବ ସେ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ଆଠଗଡ ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସଙ୍କ ସଂଯୋଜନାରେ ଉକ୍ତ ତାଲିମ ଶିବିରରେ ଆଠଗଡ଼, ଟିଗିରିଆ ବିଡିଓ, ତହସିଲଦାର, ଆଠଗଡ ସମବାୟ ସମୂହ ଅଧିକାରୀ ସମେତ ଆଠଗଡ ବ୍ଲକ, ଏନ୍ଏସି, ଟିଗିରିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ସେବା ସମବାୟ ସମିତିର ସମ୍ପାଦକ ଓ ଡିଟିପି ଅପରେଟର ମାନେ ଯୋଗଦେଇଥିଲେ, ନରସିଂହପୁର ବଜାର କମିଟି ସମ୍ପାଦକ ରାମନାରାୟଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଆଜିଠୁ କାଦିଆନ ଜଲସା ସାଲାନା ଆରମ୍ଭ

ଟିଗିରିଆ, ୨୬।୧୨(ଜାଫର ଖାଁ )

ପଞ୍ଜାବ ରାଜ୍ୟ କାଦିଆନଠାରେ ଜମାତ୍ ଅହମ୍ମଦିୟା ତରଫରୁ ୧୨୯ତମ ଜଲ୍‌ସା ସାଲାନା (ବାର୍ଷିକ ସର୍ବଧର୍ମ ସମ୍ମିଳନୀ) ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇ ରବିବାର ଉଦ୍‌ଯାପନ ହେବ ବୋଲି ପ୍ରେସ ସଚିବ କେ. ତାରିକ ଅହମ୍ମଦ ପ୍ରକାଶ କରିଛନ୍ତି। ୩ ଦିନ ବ୍ୟାପୀ ଏହି ଜଲ୍‌ସାରେ ବିଶ୍ୱଶାନ୍ତି ପାଇଁ ଜମାତ୍ ଅହମ୍ମଦିୟା ସହ ବିଭିନ୍ନ ଧର୍ମଗୁରୁମାନେ ବକ୍ତବ୍ୟ ରଖିବେ। ଏହି ଧର୍ମସଭାରେ

**ଓଡ଼ିଶାରୁ ୫୦୦ ଶ୍ରଦ୍ଧାଳୁ ଗଲେ**

ଓଡ଼ିଶାର ବିଭିନ୍ନ ଜିଲା ଯଥା କଟକ ଜିଲାର କରଡ଼ାପଲ୍ଲୀ, ପଙ୍କାଳ, ଅରଖପାଟଣା, ଧୂଆଁସାହି, ସୁଂଗୁଡା, ଢେଙ୍କାନାଳ ଜିଲାର ତାଳବରକୋଟ, ଗୁଣ୍ଡିଚାପଡା, ଖୋର୍ଦ୍ଧାର କେରଙ୍ଗ ଆଦି ଗ୍ରାମରୁ ୫୦୦ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଟ୍ରେନ୍ ଯୋଗେ କାଦିଆନ ଯାତ୍ରା କରିଛନ୍ତି।

# ସମ୍ବିଧାନ, ଗଣତନ୍ତ୍ରର ସୁରକ୍ଷା ପାଇଁ ଆହ୍ୱାନ




ଉତ୍ସବରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ/ବାଙ୍କୀ/ନିଶ୍ଚିନ୍ତକୋଇଲି, ୨୬।୧୨(ସତ୍ୟ ପ୍ରସାଦ ରଥ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର/ଅଶୋକ କୁମାର ମହାପାତ୍ର ):

### ବିଜେଡିର ପ୍ରତିଷ୍ଠା ଦିବସ

ଦେଶର ନ୍ୟାୟିକ ବ୍ୟବସ୍ଥା, ସମ୍ବିଧାନ, ଗଣତନ୍ତ୍ର ଏବେ ସଙ୍କଟରେ। ମୌଳବାଦୀମାନଙ୍କ ଦ୍ୱାରା ଏହା କବଳିତ ହୋଇଯାଇଛି। ଏହାକୁ ସୁରକ୍ଷା ଦେବା ପାଇଁ ଯୁବକମାନେ ଧୈର୍ଯ୍ୟର ସହ ସଂଘର୍ଷ କରିବା ଆବଶ୍ୟକ ବୋଲି ଆଠଗଡ଼ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ପକ୍ଷରୁ ୨୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଜିଲା ବିଜେଡି ସଭାପତି ତଥା ରାଜ୍ୟ ସଭା ଏମ୍‌ପି ଦେବାଶିଷ ସାମନ୍ତରାୟ ଓ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତଙ୍କ ସଭାପତିତ୍ୱରେ ଆଠଗଡ଼ ମହିଳା ମହାବିଦ୍ୟାଳୟ ନିକଟ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳ ପକ୍ଷରୁ ଅତିଥି ଓ କାର୍ଯ୍ୟକର୍ତ୍ତାମାନେ ଦଳୀୟ ପତାକା ଉତ୍ତୋଳନ କରିବା ସହ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ରାଜନୈତିକ, ସାଙ୍ଗଠନିକ, ସାମାଜିକ ନ୍ୟାୟ ଆଦି ୯ଟି ସଂକଳ୍ପ ପାରିତ ହୋଇଥିଲା। ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ ଦାସ, ନୃସିଂହ ମହାପାତ୍ର, ସତ୍ୟେନ ପଣ୍ଡା, ଭାଗୀରଥି ନନ୍ଦ, ରଞ୍ଜନ ଆଚାର୍ଯ୍ୟ, ମିତାଲି ରାଉତ, ରମେଶ ଚନ୍ଦ୍ର ଘଡ଼େଇ, ସୁବାସ ପାଳ, ସତ୍ୟପ୍ରିୟ ମହାନ୍ତି, ବିନୋଦ ମାଝୀ, ରଶ୍ମିତା ପରିଡ଼ା ପ୍ରମୁଖ ଏହାକୁ ଆଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଜିତ ଧୀର, ସୁନୀଲ ପରିଡ଼ା, ବଳଭଦ୍ର ବାଘ, ସଞ୍ଜୟ ମଲ୍ଲିକ, ମିନତି ଗାଗରାଇ, ସସ୍ମିତା ରାଉତ, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି, ଆଠଗଡ଼ ଏବଂ ଟିଗିରିଆ ବ୍ଲକ ଉପାଧ୍ୟକ୍ଷ ସୁବାସ ମଲ୍ଲିକ, ମାନସ ସାହୁ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ବାଙ୍କୀ ବିଜୁ ଜନତା ଦଳ ତରଫରୁ ଦଳୀୟ କାର୍ଯ୍ୟାଳୟରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ତଥା ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଦଳକୁ ସଙ୍ଗଠିତ କରି ରଖିବା ପାଇଁ ସଂକଳ୍ପ ନେବା ସହ ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ବିଜେଡି କିପରି ସଫଳତା ହାସଲ କରିବ ସେ ସମ୍ପର୍କରେ ଗୁରୁମନ୍ତ୍ର ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍ଏସି ନଗରପାଳିକା ମାଣିକ ସାହୁ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ବାଙ୍କୀ ବ୍ଲକ ସଭାପତି ଅନନ୍ତ ଦାସ, ନଗର ବିଜେଡି ସଭାପତି ହରେକୃଷ୍ଣ ଦାଶ, କାର୍ଯ୍ୟକାରୀ ସଭାପତି ଭାଗୀରଥି ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପନଗରପାଳ ତଥା ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ରଣା ସଭାପତିତ୍ୱ କରିଥିଲେ। ନଗର ଯୁବ ବିଜେଡି ସଭାପତି ତଥା କାଉନ୍ସିଲର ପଠାଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନିଶ୍ଚିନ୍ତକୋଇଲି ବଜାର, ବରପଡ଼ା, ତରତ ଆଦି ସ୍ଥାନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ନିଶ୍ଚିନ୍ତକୋଇଲି ବଉଳ ବଜାରରେ ଥିବା ପ୍ରତିମୂର୍ତ୍ତି ନିକଟରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡାଙ୍କ ସମେତ ବହୁ ବିଜେଡି ନେତା ଯୋଗଦେଇ ବିଜୁବାବୁଙ୍କ ସ୍ତୁତିଚାରଣ କରିଥିଲେ।

# ଧାନର ମାନ ପରଖିଲେ ଭାଜପା ନେତା

ନିଶ୍ଚିନ୍ତକୋଇଲି,୨୬।୧୨ (ଅଶୋକ କୁମାର ମହାପାତ୍ର):

**ଲଘୁଚାପଜନିତ ବର୍ଷାରେ ଫସଲ ନଷ୍ଟ**

ନିଶ୍ଚିନ୍ତକୋଇଲି ବ୍ଲକର ବହୁ ପଞ୍ଚାୟତରେ ଥିବା ଚାଷ କ୍ଷେତ ଉବୁଡ଼ିଯାଇଛି। ଲଘୁଚାପ ଜନିତ ବର୍ଷାପରେ ବିଲ ଗୁଡିକରେ ପାଣି ଜମି ରହିଛି। ଜଳ ନିଷ୍କାସନର ସୁବ୍ୟବସ୍ଥା ନ ଥିବାରୁ କଟା ହୋଇଥିବାଧାନ ଗଜାହୋଇଯାଇଥିବା ବେଳେ କଟା ହେବା ପାଇଁ ଥିବା ଧାନ ତଳେ ପଡ଼ି ନଷ୍ଟ ହୋଇଯାଇଛି। ଗୁରୁବାର ଟିକିଏ ବର୍ଷା କମ୍ ଥିବାରୁ କ୍ଷେତକୁ ଯାଇ ଚାଷୀମାନେ ଧାନକୁ ଛାଣି ହିଡ ଉପରକୁ ଆଣିଥିଲେ। ତେବେ ଲଗାଣ ବର୍ଷାରେ ଧାନ ଓ ନଡା ଏକ ପ୍ରକାର ପଚି ଯାଇଥିବାରୁ ଧରିବାମାତ୍ରେ ଉଭୟ ଧାନ ଓ ଛଣ ବିଲରେ ନଷ୍ଟହୋଇଯାଉଛି। ମୋଟାମୋଟି ଭାବେ ଏହି ବ୍ଲକରେ ବହୁ କ୍ଷେତ ଲଗାଣ ବର୍ଷାରେ ଉବୁଡି ଯାଇଥିଲେ ମଧ୍ୟ ଅଦ୍ୟାବଧି ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଅପରପକ୍ଷରେ ମାହାଙ୍ଗା ଭାଜପା ନେତା ସୁମନ୍ତ ଘଡ଼େଇ ଚାଷୀଙ୍କ ସମସ୍ୟା ବୁଝିବା ସହ କ୍ଷେତକୁ ଯାଇ ଧାନର ମାନ ପରଖିଛନ୍ତି। ବ୍ଲକରେ କିଭଳି ଚାଷୀଙ୍କୁ କ୍ଷତିପୂରଣ ମିଳିପାରିବ ସେନେଇ ସେନେଇ ସରକାରଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଚାଷୀମାନେ ନଷ୍ଟ ହୋଇଥିବା ଧାନ ଫସଲ ଦେଖାଉଛନ୍ତି।

# ବାଙ୍କୀ କଲେଜରେ ଗଣଦୌଡ଼



ବାଙ୍କୀ ,୨୬।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଚଳିତବର୍ଷ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ ଅବସରରେ ଗୁରୁବାର ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କଲେଜ ଜାନକୀବଲ୍ଲଭ ଛାତ୍ରାବାସ ସମ୍ମୁଖରୁ ଏହି ଗଣଦୌଡ଼ ଆରମ୍ଭ ହୋଇ ଡମପଡ଼ା ବ୍ଲକ ରାମଚନ୍ଦ୍ରପୁର ଗ୍ରାମସ୍ଥିତ ମା'ଜାଡୁମଲ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ପୁନର୍ବାର ବାଙ୍କୀ କଲେଜ ପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନ ହୋଇଥିଲା। ଏହି ଗଣଦୌଡ଼ ୮କିମି ପର୍ଯ୍ୟନ୍ତ ହୋଇଥିଲା। କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ନିରଞ୍ଜନ ସାହୁ, ଜିତେନ୍ଦ୍ର ଦେଓ ପ୍ରମୁଖ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ କଲେଜ କ୍ରୀଡ଼ା କ୍ଲବ ଉପସଭାପତି ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ।

# କୁଞ୍ଜବିହାରୀ ମହାବିଦ୍ୟାଳୟ: ଆଲୋଚନାଚକ୍ର ଉଦ୍‌ଯାପିତ

ତ୍ରିଶୂଳିଆ,୨୬।୧୨(ତୁଷାରକାନ୍ତ ବେହେରା)

ସ୍ଥାନୀୟ କୁଞ୍ଜବିହାରୀ ମହାବିଦ୍ୟାଳୟରେ ଦେଢ଼ମାସ ଧରି ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଆଲୋଚନାଚକ୍ର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରାୟ ୧୭ଟି ବିଷୟରେ ଆଲୋଚନା ହୋଇଥିବାବେଳେ ୩ଟି ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଜଣାଶୁଣା ଶିକ୍ଷାବିତ୍ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିବାବେଳେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ମଧ୍ୟ ସେମାନଙ୍କ ସନ୍ଦର୍ଭ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଲିପିପୁଷ୍ପା ନାୟକ ଏହି ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୂର୍ବତନ ମୁଖ୍ୟଶାସନ ସଚିବ ତଥା ବିଶିଷ୍ଟ ସାହିତ୍ୟିକ ତରୁଣକାନ୍ତି ମିଶ୍ର ଯୋଗଦେଇ ସୁଶାସନ ଓ ସୃଜନଶୀଳତା ଉପରେ ଆଲୋକପାତ କରିଥିଲେ। ନାକ୍ ସଂଯୋଜକ ଡ. ସନ୍ତୋଷ ମିଶ୍ର ବିଭିନ୍ନ ଆଲୋଚନାକୁ ସଂକ୍ଷେପରେ ଆଲୋକପାତ କରିଥିଲେ। ଅନିଲ କୁମାର ପାଢ଼ୀ ଅତିଥି ପରିଚୟ ଓ ଡ. ଜୟଶ୍ରୀ ନନ୍ଦ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାରୁ ଗୋଏଲ, ଡ. ପ୍ରବୀର ମହାନ୍ତି, ପ୍ରକାଶ ପରିଡ଼ା, ଡ. ସୁରେନ୍ଦ୍ର ସାହୁ, କିଶୋର ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଲୋକଙ୍କ ପାଖକୁ ଯାଇ ତାଙ୍କ ସମସ୍ୟା ବୁଝ

ଚୌଦ୍ୱାର,୨୬।୧୨ (ଆଶୁତୋଷ ଦାସ)




ବିଜେଡି ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଦଳୀୟ ନେତୃମଣ୍ଡଳି।

ଚୌଦ୍ୱାର ନଗର ବିଜେଡି ପକ୍ଷରୁ ୨୮ତମ ପ୍ରତିଷ୍ଠା ଦିବସ ଗୁରୁବାର ସ୍ଥାନୀୟ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ସ୍ଥାନୀୟ ନେତୃବୃନ୍ଦ ବିରୂପା ନଦୀକୂଳରେ ବିଜୁବାବୁଙ୍କ ସମେତ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦଳର ଜିଲା ଉପସଭାପତି ଶୁଭେନ୍ଦୁ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ପ୍ରଭାତ ବିଶ୍ୱାଳ ଉଦ୍‌ବୋଧନ ଦେଇ ବିଭିନ୍ନ ସରକାରୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିପାରିବ ଓ ତାହା କିପରି ଆହୁରି ଫଳପ୍ରଦ ହେବ, ସେନେଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ କର୍ମୀଙ୍କୁ ସଂକଳ୍ପ କରାଇଥିଲେ। ଏଥିସହ ଲୋକଙ୍କ ପାଖକୁ ଯାଇ ତାଙ୍କ ସମସ୍ୟା ବୁଝି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକ ସ୍ୱାଗତ ଭାଷଣ ଓ କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା ଅତିଥି ପରିଚୟ ଦେଇଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ, ରାଜ୍ୟ ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଖୁଣ୍ଟିଆ, ଶିବେନ୍ଦ୍ର ହାତୀ, ଡେପୁଟି ମେୟର ଦମୟନ୍ତୀ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ଅନ୍ୟ ଦଳର ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ସୁବ୍ରତ ସାମଲ ଧନ୍ୟବାଦ ଦେଇଥିଲେ।

# ଜମି ଅଧିଗ୍ରହଣ ବେଳେ ଗ୍ରାମବାସୀଙ୍କ ବିରୋଧ

### ପୁନର୍ବିଚାର ପାଇଁ ପ୍ରଶାସନକୁ ଦାବି

ବାରଙ୍ଗ,୨୬।୧୨(ଲିଙ୍ଗରାଜ ରାଉତ)

ଜଳ ବିଶୋଧନାଗାର କରିବାକୁ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇଥିବାବେଳେ ଗୁରୁବାର ଗ୍ରାମବାସୀଙ୍କ ବିରୋଧ ଯୋଗୁ ପ୍ରଶାସନକୁ ଫେରିବାକୁ ପଡ଼ିଛି। ଏହି ଘଟଣା କଟକ ବାରବାଟୀ ନିର୍ବାଚନ ମଣ୍ଡଳୀ ୩ ନଂ. ୱାର୍ଡର ବେଷ୍ଟକାରପଡ଼ା ଗ୍ରାମ ନିକଟ କାଠଯୋଡ଼ି ନଦୀପଠାରେ ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ବେଷ୍ଟକାରପଡ଼ା ଗ୍ରାମ ନିକଟ କାଠଯୋଡ଼ି ନଦୀପଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂତନ ଜଳ ବିଶୋଧନାଗାର ନିର୍ମାଣ ପାଇଁ ଆଗରୁ ଫଳକ ମରାଯାଇଥିଲା। ଗୁରୁବାର ଏହି ସରକାରୀ ଜମିକୁ ଅଧିଗ୍ରହଣ କରିବାକୁ ଜେସିବି ସହାୟତାରେ ପ୍ରଶାସନ ପକ୍ଷରୁ ସଫା କରାଯାଇଥିଲା। ଖବର ପାଇ ବେଷ୍ଟକାରପଡ଼ା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଏହାର ବିରୋଧ କରିଥିଲେ। ଫଳରେ ପ୍ରଶାସନକୁ ସେଠାରୁ ଫେରିବାକୁ ପଡ଼ିଥିଲା। ଗ୍ରାମବାସୀଙ୍କ କହିବା ମୁତାବକ, ଦୀର୍ଘଦିନ ହେବ ଏହି ଜାଗାକୁ ଗ୍ରାମର ପିଲାମାନେ ଖେଳପଡ଼ିଆ ଭାବେ ବ୍ୟବହାର କରି ଆସୁଛନ୍ତି। ଅବଶିଷ୍ଟାଂଶ ଜାଗାକୁ ଗ୍ରାମ ଶ୍ମଶାନ ଭାବେ ବ୍ୟବହାର କରାଯାଉଥିଲା। ଶ୍ମଶାନ ଜମି ନ ଥିବାରୁ ବେଷ୍ଟକାରପଡ଼ା ସମେତ ଆଖପାଖ ଗ୍ରାମବାସୀ ଏଠାରେ ମୃତଦେହ ସଂସ୍କାର କରୁଥିଲେ। ଏହି ସରକାରୀ ଜାଗାରେ ଜଳ ବିଶୋଧନାଗାର ନିର୍ମାଣ କରାଗଲେ ଗ୍ରାମବାସୀ ହଇରାଣ ହେବେ। ଏଥିପ୍ରତି ପୁନର୍ବିଚାର କରିବାକୁ ପ୍ରଶାସନ ପାଖରେ ଗ୍ରାମବାସୀ ଦାବି କରିଛନ୍ତି।



ଜଳ ବିଶୋଧନାଗାର ପାଇଁ ଅଧିଗ୍ରହଣ ହେବାକୁ ଥିବା ସରକାରୀ ଜମି।

**ପିକ୍‌ଅପ୍ ଭ୍ୟାନ ଚୋରି ଅଭିଯୋଗ**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ନଡଣା ଗ୍ରାମର ସାଇଲୋ ଛକସ୍ଥିତ ସୁଶୀଳ ମହାନ୍ତିଙ୍କ ଭ୍ୟାନ୍ (ଓଡ଼ି ୦୨ ବି ୯୩୧୦)ଟି ଚୋରି ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ୩୮୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୧୨।୨୦୨୪

| | |
|---|---|
| ୫,୫୧,୫୬୭ ଟଙ୍କା | |
| ସୁନା | ୪.୫୮୦ ଗ୍ରାମ୍ |
| ରୁପା | ୬୫ ଗ୍ରାମ୍ |

## ସଂକ୍ଷେପରେ

### ବ୍ରାଉନସୁଗାର କାରବାର: ୩ ଗିରଫ

ପୁରୀ,୨୬।୧୨(ଅଜିତ୍ କୁମାର ମହାନ୍ତି)

ବ୍ରାଉନ ସୁଗାର କାରବାର ଅଭିଯୋଗରେ ବାସେଳିସାହି ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତ୍ରିଦେବୀ ନଗରର ଆଶିଷ କୁମାର ରଥ, ହରିଜନ ବସ୍ତିର କରନ ନାୟକ ଏବଂ ମିଶ୍ରନୋଳିଆ ସାହିର ଶିବୁନା ନାୟକ। ବାସେଳି ସାହି ଥାନା ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୧୨.୩୦ ଗ୍ରାମ୍ ବ୍ରାଉନ ସୁଗାର ସହ ୨ଟି ମୋବାଇଲ ଫୋନ ଏବଂ ଗୋଟିଏ ବାଇକ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ବାସେଳି ସାହି ଥାନା ଅନ୍ତର୍ଗତ ଫ୍ଲୋରିସ୍ ଇଣ୍ଡିଆ ବିଲ୍ଡିଂ ନିକଟରେ ବ୍ରାଉନ ସୁଗାର କାରବାର କରୁଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ସମସ୍ତ ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଥାନାରେ ଏକାଧିକ ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଧୀରେନ୍ଦ୍ର ଜେନାଙ୍କୁ ଅଟଳ ସମ୍ମାନ

ପୁରୀ,୨୬।୧୨(ଅଜିତ୍ କୁମାର ମହାନ୍ତି)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ବୁଧବାର ପୂଜ୍ୟପୂଜା ସଂସଦ ପକ୍ଷରୁ ପାଳନ କରାଯାଇଛି। ବଙ୍କୁ ମହାବୀର ଦେବ ପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି କୃଷ୍ଣ ଜଗଦେବ ଅଧକ୍ଷତା କରିଥିଲେ। ଏହି ଅବସରରେ ଆୟୋଜିତ 'ବିକାଶ ଗଙ୍ଗାର ଭଗୀରଥ ଅଟଳ ବିହାରୀ' ଶୀର୍ଷକ ଆଲୋଚନାଚକ୍ରରେ ନାରୀନେତ୍ରୀ ମେନକା ପ୍ରଧାନ, କଳାକାର ତୁଷାରକାନ୍ତ ବଡ଼ଜେନା, ସାମାଜିକ କର୍ମୀ ଧୀରେନ୍ଦ୍ର କୁମାର ଜେନା, ମନୋରଞ୍ଜନ ଚମ୍ପତି, ସୁଶାନ୍ତ ନିଶଙ୍କ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କୁ ଭିତ୍ତିଭୂମି ଓ ବିକାଶର ପ୍ରବର୍ତ୍ତକ ଭାବେ ବର୍ଣ୍ଣନା କରିଥିଲେ। ଧୀରେନ୍ଦ୍ର କୁମାର ଜେନାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଅଟଳଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଶ୍ୱଜିତ୍ ବଡ଼ଜେନା ସଭା ସଞ୍ଚାଳନ କରିଥିବାବେଳେ କାର୍ଯ୍ୟକ୍ରମ ଶେଷରେ ମେନକା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୧୬ ହଜାର ୫୦ ହେକ୍ଟର ପାଚିଲା ଧାନ ଫସଲ ନଷ୍ଟ

■ ଗୋପ ବ୍ଲକରେ କ୍ଷୟକ୍ଷତି ହୋଇ ନ ଥିବା ରିପୋର୍ଟ ନେଇ ଗର୍ଜିଲେ
■ ଚାଷୀଙ୍କ ପ୍ରତି ଅବହେଳା କଲେ ରାଜରାସ୍ତାରେ ବସିବି

ଗୋପ,୨୬।୧୨(ଭାରତୀ ଭୂଷଣ ଉପାଧ୍ୟାୟ)



ଅଦିନିଆ ବର୍ଷା ଦାଉ ସାଜି ଚାଷୀର ସୁନା ଫସଲକୁ ଛଡ଼ାଇନେଲା। ଗୁରୁବାର ଗଜାଧାନ ଧରି ଶତାଧିକ ଚାଷୀ ଗୋପ ତହସିଲ ଅଫିସ ସମ୍ମୁଖରେ କ୍ଷତିପୂରଣ ତଦନ୍ତ କରିବାକୁ ଦାବି କରୁଥିବା ବେଳେ ପୂର୍ବତନ ମନ୍ତ୍ରୀ ତଥା ଭାଜପାର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଚାଷୀଙ୍କ ନିକଟରେ ପହଞ୍ଚିଥିଲେ। ଗୋପ କୃଷି ବିଭାଗ ପକ୍ଷରୁ ୨୪ରେ ଗୋପ ବ୍ଲକ ଅଞ୍ଚଳରେ କ୍ଷୟକ୍ଷତି ହୋଇ ନ ଥିବା ରିପୋର୍ଟ ସରକାର ଓ ଜିଲା ପ୍ରଶାସନକୁ ପଠାଯିବାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ ଖୁବ୍‌ଶୀଘ୍ର ତଦନ୍ତ କରିବାକୁ ତହସିଲଦାର ଓ କୃଷି ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଯେ, ଗୋପ ବ୍ଲକ୍‌ର ୩୧ଟି ପଞ୍ଚାୟତରେ ଅଦିନିଆ ବର୍ଷା ଯୋଗୁ ହଜାର ହଜାର ହେକ୍ଟର ଚାଷଜମିରେ ଥିବା ପାଚିଲା ଧାନ ନଷ୍ଟ ହୋଇଥିବା ବେଳେ ଋଣ କରି ଫସଲ କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗୋପ ତହସିଲ ଓ କୃଷି ବିଭାଗ ପକ୍ଷରୁ ମିଳିତ ତଦନ୍ତ କରାଯାଉଥିବା ବେଳେ ଏପର୍ଯ୍ୟନ୍ତ କେତେ ହେକ୍ଟର ଚାଷଜମିରେ ଧାନ ଫସଲ ନଷ୍ଟ ହୋଇଛି ସେ ଖବର ବିଭାଗ ପାଖରେ ନାହିଁ। ଗତ ୨୧ ତାରିଖ ଠାରୁ ଅଦିନିଆ ବର୍ଷା କ୍ରମାଗତ ଭାବେ ହୋଇଥିବା ବେଳେ ଗତ ୨୪ରେ ପଠା ଯାଇଥିବା ରିପୋର୍ଟରେ କ୍ଷୟକ୍ଷତି ହୋଇ ନ ଥିବା ଚାଷୀମାନଙ୍କୁ ଆହୁରି ଆଘାତ ଦେଇଛି। ସେପଟେ ଚାଷ ଜମିରେ ଆଣ୍ଠୁଏ ଆଣ୍ଠୁଏ ବର୍ଷା ପାଣି ଜମି ରହିବା ଫଳରେ ପାଚିଲା ଧାନ ଗଜା ହୋଇଥିବା ଅଭିଯୋଗ ହୋଇଛି। କେତେକାଂଶରେ କିଛି ଚାଷୀ ଅଦିନିଆ ବର୍ଷା ଭୟରେ ମେସିନ ଲଗାଇ ଭଲ ଭାବରେ ପାଚି ନ ଥିବା ଧାନ କାଟି ଆଣିଥିବା ବେଳେ ଖରା ନ ଖାଇବାରୁ ଧାନ ନଷ୍ଟ ହେଉଥିବା ମଧ୍ୟ ଜଣାପଡ଼ିଛି। କୃଷି ବିଭାଗ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମିଳିତ ତଦନ୍ତ ହେଉଥିବା ତହସିଲଦାର ଅନୀଲ କୁମାର ମହାନ୍ତି, ଜିଲା ନିମାପଡ଼ା କୃଷି ଅଧିକାରୀ ସତ୍ୟନାରାୟଣ କର, ଗୋପ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ ପ୍ରମୁଖ ଉପସ୍ଥିତ ରହି ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିବା ସହିତ ଚାଷ ଜମିରେ କିପରି ଅବସ୍ଥା ରହିଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ସେଠାରେ ଦାଶ ପହଞ୍ଚିବା ପରେ ୨ ବିଭାଗ ପକ୍ଷରୁ ଗୁରୁବାର ହୋଇଥିବା ତଦନ୍ତ ସମ୍ପର୍କିତ ତଥ୍ୟ ଜିଲା ପ୍ରଶାସନକୁ ଦିଆଯାଇଛି। ଏହି ତଦନ୍ତ ରିପୋର୍ଟରେ ଗୋପ ବ୍ଲକ୍‌ରେ ଚଳିତ ବର୍ଷ ୨୧ ହଜାର ୧୨ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ଆଜି ସୁଦ୍ଧା ୧୬ ହଜାର ୫୦ ହେକ୍ଟର ପାଚିଲା ଧାନ ନଷ୍ଟ ହୋଇଥିବା ତଥ୍ୟ ପ୍ରଦାନ କରିଥିବା ଗୋପ ବ୍ଲକ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ ସୂଚନା ଦେଇଛନ୍ତି।

## କ୍ଷୟକ୍ଷତି ଆକଳନ କଲେ ବିଭାଗୀୟ ଅଧିକାରୀ

ଅସ୍ତରଙ୍ଗ,୨୬।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଲଗାଣ ବର୍ଷା ପ୍ରଭାବରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ୧୫ଟି ପଞ୍ଚାୟତରେ ଧାନ, ପନିପରିବା ଚାଷ ନଷ୍ଟ ହୋଇଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ କୃଷି ବିଭାଗ ଓ ଉଦ୍ୟାନ ବିଭାଗ କର୍ମଚାରୀ ଅସ୍ତରଙ୍ଗ ବ୍ଲକ୍‌ର ବେଗୁନିଆବନ୍ଧ, ଓସ୍ତପୁର, ଖଣ୍ଡାସାହି, ନଈଗୁଆଁ, ନଗର, କେନ୍ଦ୍ରାପଟି ସମେତ ବିଭିନ୍ନ ଗ୍ରାମ ପରିଦର୍ଶନ କରି ଚାଷଜମି ବୁଲି ଦେଖିଥିଲେ। ଏଥିସହ ଅନେକ ଚାଷୀଙ୍କୁ ଭେଟି ଆଲୋଚନା ମଧ୍ୟ କରିଥିଲେ। ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକ୍‌ରେ ପ୍ରାୟ ୮୭୮୦ହେକ୍ଟର ଜମିରେ ଧାନଚାଷ ହୋଇଥିବା ବେଳେ ଆନୁମାନିକ ୧୦୩୫ ହେକ୍ଟର ଜମିରେ ପନିପରିବା ଚାଷ ହୋଇଥିଲା। ଗତ ସପ୍ତାହ ମଧ୍ୟରେ ୨ଥର ଲଘୁଚାପଜନିତ ବର୍ଷାରେ କେତେଜଣ ଚାଷୀଙ୍କ ବିଲରେ ପାଚିଲା ଧାନ ପାଣିରେ ପଡି ନଷ୍ଟହେବାକୁ ବସିଲାଣି। କେତେଜଣ ଖଳାରେ ରଖିଥିବାରୁ ତଳ ପାଖରେ ପାଣି ପଶି ଗଜା ହୋଇଗଲାଣି। ଆଉ କେତେଜଣଙ୍କ ବିଲରେ ମୁଗ ବୁଣା ହୋଇଥିବାର ଚାଷୀ କହିଛନ୍ତି।

ଅପରପକ୍ଷେ ପନିପରିବା ଚାଷ କରୁଥିବା ଜମିରେ ଟମାଟୋ, ଫୁଲକୋବି, ବନ୍ଧାକୋବି ଆଦି ଅନେକ ପରିବା ଗଛ ମୂଳେ ପାଣି ରହିଛି। ଜମିରୁ ପାଣି ନିଷ୍କାସନ ନ ହୁଏ ତେବେ ନଷ୍ଟ ହେବା ତିଳେ ମାତ୍ର ସନ୍ଦେହ ନାହିଁ ବୋଲି ଚାଷୀମାନେ କହିଛନ୍ତି। ପାଣିପାଗ ସୂଚନା ଅନୁସାରେ, ଆହୁରି ୨ଦିନ ବର୍ଷା ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଇଛି। କୃଷି ବିଭାଗ କର୍ମଚାରୀଙ୍କ ମଧ୍ୟରେ ଦେବବ୍ରତ ସାହୁ, ଅନ୍ନପୂର୍ଣ୍ଣା ସେନାପତି, ନିବେଦିତା ପଟ୍ଟନାୟକ, ସୁଶାନ୍ତ ବେହେରା, ପ୍ରଶାନ୍ତ ବେହେରା ଓ ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିବା ସହ ଉଦ୍ୟାନ ବିଭାଗ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ପରିଦର୍ଶନକରି କ୍ଷୟକ୍ଷତି ଆକଳନ କରିଛନ୍ତି।

## ମୃତ ଚାଷୀଙ୍କୁ ୧୦ ଲକ୍ଷ ଟଙ୍କା ପ୍ରଦାନ ଦାବି

ସାକ୍ଷୀଗୋପାଳ,୨୬।୧୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଅଦିନିଆ ଲଘୁଚାପ ବର୍ଷାରେ ବ୍ୟାପକ ଫସଲ ହାନି କୃଷକ ପରିବାରର ଆର୍ଥିକ ଅବସ୍ଥା ଦୁର୍ବଳ କରିଦେଇଛି। ଋଣବୋଝ ସାଙ୍ଗକୁ ବର୍ଷକର ଆୟ ହରାଇ ଚାଷୀକୁଳ ହତବାକ୍ ହୋଇଛି। ନିକଟରେ ଧାନବିଲରେ ମୃତ୍ୟୁବରଣ କରିଥିବା ଚାଷୀ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଅଲ୍ ଇଣ୍ଡିଆ କ୍ଷେତ ମଜଦୁର ସଙ୍ଗଠନର କର୍ମକର୍ତ୍ତାମାନେ ସତ୍ୟବାଦୀ ତହସିଲଦାରଙ୍କୁ କାର୍ଯ୍ୟାଳୟରେ ଭେଟି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଚାଷୀଙ୍କୁ ଧାନ ଫସଲ କ୍ଷତି ପାଇଁ ଏକର ପିଛା ୨୦ ହଜାର ଟଙ୍କା କ୍ଷତିପୂରଣ ଓ ମୃତ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି। ଏହି ବିକ୍ଷୋଭରେ ଏଆଇକେକେଏମ୍‌ଏସର ପୁରୀ ଜିଲା ସଭାପତି ଦୀନବନ୍ଧୁ ପରିଡ଼ା, ସତ୍ୟବାଦୀ ବ୍ଲକ୍ କମିଟିର ସଭାପତି ଶ୍ୟାମସୁନ୍ଦର ମହାପାତ୍ର, ସମ୍ପାଦକ ହାଡ଼ିବନ୍ଧୁ ବେହେରାଙ୍କ ସମେତ ବରିଷ୍ଠ ଚାଷୀନେତା ବଟକୃଷ୍ଣ ସ୍ୱାଇଁ ଯୋଗଦେଇ ତହସିଲଦାରଙ୍କୁ ୪ ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

ସେହିପରି ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସଭାପତି ଏମ୍‌ଡି ମନୋହର ଅଲି ଓ ସ୍ଥାନୀୟ କୃଷକ ନେତା ଗୋବିନ୍ଦ ମହାପାତ୍ର ଏବଂ କଂଗ୍ରେସ ନେତା ମନୋଜ ରଥ ପୃଥକ୍ ପୃଥକ୍ ଭାବେ ମୃତ ଚାଷୀଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ। ମନୋଜ ରଥ ଆର୍ଥିକ ସହାୟତା ଦେବା ସଙ୍ଗେ ସଙ୍ଗେ କ୍ଷତିଗ୍ରସ୍ତ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସ୍ଥାନୀୟ ବିଡିଓଙ୍କ ଜରିଆରେ ସରକାରଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ।

## ଚାଷୀଙ୍କୁ କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ

ପିପିଲି,୨୬।୧୨(ପ୍ରଭାତ କୁମାର ମହାପାତ୍ର)

ଲଘୁଚାପ ବର୍ଷା ଯୋଗୁ ଚାଷୀକୁଳ ହତାଶ ହୋଇଯାଇଛନ୍ତି ଏବଂ ଚାଷୀର ଶେଷ ସମ୍ବଳ ମଧ୍ୟ ନଷ୍ଟ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ କଂଗ୍ରେସ ନେତା ତଥା ମୁଖପାତ୍ର ଆଡଭୋକେଟ ନିଶିକାନ୍ତ ମିଶ୍ର ପିପିଲି-ଡେଲାଙ୍ଗ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ଗସ୍ତକରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସମସ୍ୟା ପଚାରି ବୁଝିଥିଲେ। ହେକ୍ଟର ପିଛା ୩ଲକ୍ଷ ଲେଖାଏ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି। ସରକାର ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ କ୍ଷତିପୂରଣ ଦେବାର ବ୍ୟବସ୍ଥା ନ କଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଟୁଟୁ ପରିଡ଼ା, ବିଶ୍ୱରଞ୍ଜନ ମିଶ୍ର, ପ୍ରଶାନ୍ତ ଜେନା, ସୂର୍ଯ୍ୟ ନାରାୟଣ ସାମନ୍ତରାୟ, ଜୟମନ୍ୟୁ ସାମନ୍ତରାୟ, ରଞ୍ଜିତ ମହାପାତ୍ର, ସୁରେନ୍ଦ୍ର ସେଠୀ, ରମେଶ ଚନ୍ଦ୍ର ବେହେରା, ଭାସ୍କର ସାହୁ, ମାନସ ସ୍ୱାଇଁ ଓ ଟିକିନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ହେକ୍ଟର ପିଛା ୩ ଲକ୍ଷ ଟଙ୍କା ଦିଆଯାଉ: ନିଶିକାନ୍ତ

ପିପିଲି,୨୬।୧୨(ପ୍ରଭାତ କୁମାର ମହାପାତ୍ର)



ଲଘୁଚାପଜନିତ ଅଦିନିଆ ବର୍ଷା ଯୋଗୁ ଚାଷୀକୁଳ ହତାଶ। ୨ଦିନ ଲଗାଣ ବର୍ଷା ପରେ ପୁଣି ଆଉ ଥରେ ବର୍ଷା ଚାଷୀଙ୍କ ଶେଷ ସମ୍ବଳକୁ ନଷ୍ଟ କରିଦେଇଛି। ବିକଳରେ ଚାଷୀ ସେମାନଙ୍କର ଧାନ ଫସଲକୁ ପାଣିରୁ ଛାଣି କିଛି ଅଂଶରେ ଆଦାୟ କରୁଥିବା ବେଳେ କଂଗ୍ରେସ ନେତା ନିଶିକାନ୍ତ ମିଶ୍ର କ୍ଷତିଗ୍ରସ୍ତ ଚାଷୀଙ୍କ ପାଖରେ ପହଞ୍ଚି ଆଶ୍ୱସ୍ତି ଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କ ପାଖରେ କୌଣସି ସରକାରୀ ବାବୁଙ୍କ ଦେଖା ନ ଥିବାବେଳେ କ୍ଷତିପୂରଣ କିପରି ପାଇବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସରକାର ତ୍ୱରିତ ପଦକ୍ଷେପ ନେଇ ହେକ୍ଟର ପିଛା ୩ ଲକ୍ଷ କ୍ଷତିପୂରଣ ଦେବାପାଇଁ ଦାବି କରିଛନ୍ତି।

କଂଗ୍ରେସ ନେତା ମିଶ୍ର ପିପିଲି ବ୍ଲକ୍ ଟେଇଶିପୁର ନିର୍ମଳା ଗ୍ରାମରେ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଥିଲେ। ପରେ ଡେଲାଙ୍ଗ ବ୍ଲକ୍ ଗସ୍ତକରି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ସେ ଦାବି କରିଛନ୍ତି। କ୍ଷତିପୂରଣ ଦିଆ ନ ଗଲେ ଆଗାମୀ ଦିନରେ କଂଗ୍ରେସ ଚାଷୀଙ୍କ ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଚାଷୀ ନେତା ଟୁଟୁ ପରିଡ଼ା, ବିଶ୍ୱରଞ୍ଜନ ମିଶ୍ର, ପ୍ରଶାନ୍ତ ଜେନା, ସୂର୍ଯ୍ୟ ନାରାୟଣ ସାମନ୍ତରାୟ, ଜୟମନୁ ସାମନ୍ତରାୟ, ରଞ୍ଜିତ ମହାପାତ୍ର, ସୁରେନ୍ଦ୍ର ସେଠୀ, ରମେଶ ଚନ୍ଦ୍ର ବେହେରା, ଭାସ୍କର ସାହୁ, ମାନସ ସ୍ୱାଇଁ ଓ ଟିକିନ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରଶାସନର କ୍ଷୟକ୍ଷତି ଆକଳନ

ବଳଙ୍ଗା,୨୬।୧୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ କୋଠକୁସାଙ୍ଗ ପଞ୍ଚାୟତ ଅଧୀନ ରେସିଙ୍ଗା, ବେରୁହାଁଶାସନ, ବକୁଗ୍ରାମ, ଦଦ୍ଧିପୁର ଆଦି ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି। ଅଦିନିଆ ବର୍ଷାରେ ଧାନ ଫସଲ ନଷ୍ଟହେବା ସହ ଗଜାହେବା ଯୋଗୁ ବହୁ ଫସଲ ନଷ୍ଟ ହୋଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଗୁରୁବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ କୋଠକୁସାଙ୍ଗ ପଞ୍ଚାୟତର କ୍ଷୟକ୍ଷତି ଆକଳନ କରାଯାଇଛି। ବଳଙ୍ଗା ରାଜସ୍ୱ ନିରୀକ୍ଷକ ସୁରେଶ ସାହୁ, ପଞ୍ଚାୟତ କୃଷି ଅଧିକାରୀ ସଞ୍ଜୟ କୁମାର ବାରିକ, ବିପିନ କୁମାର ସାହୁ, କୃଷି ଅଧିକାରୀ କୁଳମଣି ମହାରଣା, ସରପଞ୍ଚ ଜୟନ୍ତୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ବିଲ ଗହୀରଗୁଡ଼ିକରେ ପହଞ୍ଚି ଏକର ଏକର ଜମିର କ୍ଷୟକ୍ଷତି ଆକଳନ କରିଥିଲେ।

# ଦୀପଦାନକୁ ନେଇ ବିଜେଡି କର୍ମୀ- ପୋଲିସ ମୁହାଁମୁହିଁ




ବିଜେଡି କର୍ମକର୍ତ୍ତାଙ୍କୁ ଅରୁଣ ସ୍ତମ୍ଭ ସମ୍ମୁଖରେ ଦୀପଦାନ କରିବାକୁ ପୋଲିସ ବାରଣ କରୁଛି।

ପୁରୀ,୨୬।୧୨(ଅଜିତ୍ କୁମାର ମହାନ୍ତି)

ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଦଳ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଦଳର କର୍ମକର୍ତ୍ତାମାନେ ଦୀପଦାନ କରିବାକୁ ଶ୍ରୀମନ୍ଦିର ନିକଟକୁ ଯାଉଥିବାବେଳେ ସେଠାରେ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନେ ସେମାନଙ୍କୁ ଭିତରକୁ ଉକ୍ତ ରାସ୍ତା ଦେଇ ଯିବାକୁ ବାରଣ କରିଥିଲେ। ଫଳରେ ବିଜେଡି ନେତା ଓ କର୍ମୀଙ୍କ ସହ ପୋଲିସ କର୍ମଚାରୀମାନଙ୍କର ଯୁକ୍ତିତର୍କ ହୋଇଥିଲା। ସେହି ସ୍ଥାନ ଛାଡ଼ିବା ପାଇଁ ଅନୁମତି ନଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ଶେଷରେ ବିଜେଡି କର୍ମୀ ଓ ନେତାମାନେ ଭକ୍ତ ପ୍ରବେଶ କରୁଥିବା ବ୍ୟାରିକେଡ ଦେଇ ଲାଇନରେ ସିଂହଦ୍ୱାର ନିକଟକୁ ଆସି ଦୀପଦାନ କରିଥିଲେ।

## ଜାପାନର ଆଇଟି କମ୍ପାନୀରେ ନିଯୁକ୍ତି ପାଇଲେ ୫ ଛାତ୍ର

ପୁରୀ,୨୬।୧୨(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ଜାପାନର ଆଇଟି କମ୍ପାନୀରେ ପୁରୀସ୍ଥିତ ଚନ୍ଦ୍ରଶେଖର ଏକାଡେମୀର ୫ଜଣ ଛାତ୍ର ନିଯୁକ୍ତି ପାଇଛନ୍ତି। ସେମାନେ ଆସନ୍ତା ୩୦ ତାରିଖରେ ଜାପାନ ଯିବାର କାର୍ଯ୍ୟକ୍ରମ ରହିଛି। ସମ୍ପୃକ୍ତ ଛାତ୍ରମାନେ ହେଲେ ଚଞ୍ଚଳ ସରକାର, ସୂର୍ଯ୍ୟକାନ୍ତ ରାଉତ, ବିକାଶ କୁମାର ଗୁପ୍ତା, ସତ୍ୟଜିତ ସାହୁ ଓ ଦୀପ୍ତିରଞ୍ଜନ ମହାରଣା। ଏ ନେଇ ସେମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏକାଡେମୀର ଚେୟାରମ୍ୟାନ ଶ୍ରୀମନ୍ତ କୁମାର ଦାଶ କହିଛନ୍ତି, ଗତବର୍ଷ ଏହି ଅନୁଷ୍ଠାନର ୩ ଛାତ୍ର ଜାପାନରେ ନିଯୁକ୍ତି ପାଇଥିଲେ। ତତ୍‌ସହିତ ସିବିଏସ୍‌ଇ ପାଠ୍ୟକ୍ରମ ବ୍ୟବସ୍ଥା ସହ ଆଇଟି ଓ ଜାପାନିଜ୍ ଭାଷାର ଶିକ୍ଷାଦାନ କରାଯାଉଛି। ଗ୍ରାଜୁଏଶନ୍ ହାସଲ କରିଥିବା ଛାତ୍ରମାନେ ଆଇଟି ସହ ଜାପାନିଜ ଭାଷା ଅଧ୍ୟୟନ କଲେ ଶତପ୍ରତିଶତ ଜାପାନରେ ଚାକିରି ମିଳିପାରିବ। ଏହି ଅବସରରେ ଭାରତ ଜାପାନ ମୈତ୍ରୀ କେନ୍ଦ୍ର, ଜାପାନର ସଭାପତି ତଥା ପୁରୀ ସିଟି ଆମ୍ବାସାଡର କୁନା ଦାଶ କୃତୀ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବ ସହ ସଫଳତା କାମନା କରିଛନ୍ତି।

## ମତ୍ସ୍ୟଜୀବୀଙ୍କ ବିକାଶ ଉପରେ ଗୁରୁତ୍ୱ

ପୁରୀ,୨୬।୧୨(ଅଜିତ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମୃଦ୍ଧି ଯୋଜନାରେ ସରକାରଙ୍କ ଲକ୍ଷ୍ୟ ମତ୍ସ୍ୟଜୀବୀଙ୍କୁ ଏକାଠି କରିବା, ସେମାନଙ୍କ ସ୍ୱାର୍ଥରକ୍ଷା କରିବା ଓ ସମସ୍ତ ସହଯୋଗ ଯୋଗାଇଦେବା। ସେଥିପାଇଁ ସେମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଫସଲ ଓ ଉପକରଣ ବୀମାଭୁକ୍ତ କରିବାକୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ଜିଲାସ୍ତରୀୟ କର୍ମଶାଳା ଗୁରୁବାର ସଦ୍‌ଭାବନା ସଭାଗୃହରେ ଉଦ୍‌ଘାଟିତ ହୋଇଯାଇଛି। କର୍ମଶାଳାକୁ ଉଦ୍‌ଘାଟନ କରି ବରିଷ୍ଠ ବୈଜ୍ଞାନିକ ଡ. ଜ୍ଞାନରଞ୍ଜନ ଦାଶ କହିଥିଲେ, ଜଳବାୟୁ ଓ ପରିବେଶର ପରିବର୍ତ୍ତନ ଏବଂ ସମୟର ଆବଶ୍ୟକତା ଅନୁସାରେ ଆମ କୃଷି ପ୍ରଣାଳୀକୁ ବଦଳାଇବାର ସମୟ ଆସିଛି। ନୂତନ ବୈଷୟିକ ଜ୍ଞାନକୌଶଳ, ଅତ୍ୟାଧୁନିକ ଉପକରଣ, ଉତ୍କୃଷ୍ଟ ବିହନର ଉପଯୋଗ କରି ଆମେ ଲାଭବାନ ହୋଇପାରିବା। ଉପନିର୍ଦ୍ଦେଶକ କୁଅଁର ମାଣ୍ଡି, ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡର ବରିଷ୍ଠ କାର୍ଯ୍ୟନିର୍ବାହୀ ସୁଷମା ବିସ୍ମିତା ରେଖା ପତି, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ମତ୍ସ୍ୟଜୀବୀ ବୀମା କରାଇ ନେବା ସହ ସରକାରଙ୍କ ବିବିଧ ସୁବିଧାର ସୁଯୋଗ ଲାଭ କରିବାକୁ ଅନୁରୋଧ କରିଥିଲେ। ମତ୍ସ୍ୟଜୀବୀମାନେ ନାମ ପଞ୍ଜୀକରଣ କରିବା ପରେ ଏକ ପ୍ରୋଭିଜନାଲ ସାର୍ଟିଫିକେଟ ପାଇବେ। ପରେ ସମସ୍ତ ସୁବିଧା ଓ ସହଯୋଗ ନିୟମ ଅନୁସାରେ ଡିବିଟି ମାଧ୍ୟମରେ ପ୍ରାପ୍ତ ହେବେ। କୌଣସି ସଂଶୟ କ୍ଷେତ୍ରରେ ମତ୍ସ୍ୟ ବିଭାଗ ଅଧିକାରୀ ଓ ବୀମା କମ୍ପାନୀ ଅଧିକାରୀମାନଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଅତିଥିମାନେ କହିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ଜିଲାରେ ମତ୍ସ୍ୟଜୀବୀଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ମତ୍ସ୍ୟ ଚାଷୀମାନେ ଯୋଗଦେଇଥିଲେ। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଶୁକ୍ରବାର କୃଷ୍ଣପ୍ରସାଦ ବ୍ଲକର ମାଲୁଦରେ ଅନୁଷ୍ଠିତ ହେବ ବୋଲି ରାଉତ ସୂଚନା ଦେଇଛନ୍ତି।



ପୁରୀ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମୃଦ୍ଧି ଯୋଜନା କର୍ମଶାଳାରେ ମଞ୍ଚାସୀନ ଅତିଥି।

# ସମାନ୍ତରାଳ ଭାବେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

ପୁରୀ,୨୬।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ବିଜେଡି ପକ୍ଷରୁ ଗୁରୁବାର ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଜୁ ଜନତା ଦଳ ପୁରୀ ନଗର ଶାଖା ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପ ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ସବ୍ୟସାଚୀ ମହାପାତ୍ର, ଭକ୍ତଚରଣ ଦାସଙ୍କ ସମେତ ଅନେକ ନେତା ଓ କର୍ମୀ ଯୋଗଦେଇ ଦଳର ଶୁଭ ମନାସି ଥିଲେ। ସେହିପରି ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ମେଡିକାଲ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଏକ ହୋଟେଲରେ ସାଧାରଣ ବୈଠକ ଓ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ଅନେକ ବରିଷ୍ଠ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବରିଷ୍ଠ ନେତା ରାମକୃଷ୍ଣ ଦାସ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ରବି ସାମନ୍ତରାୟ, ଆଇନଜୀବୀ ବିଜୟ କୁମାର ମିଶ୍ର, ନାରାୟଣ ସ୍ୱାଇଁ, ପୂର୍ବତନ କାଉନସିଲର ନାରାୟଣ ପଟ୍ଟନାୟକ, ସୁଚିସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ପୁରୀ ନଗର ବିଜେଡି ଶାଖା ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି।

ଦଳକୁ ମଜଭୁତ କରାଯିବା ନେଇ ଆଲୋଚନା ହୋଇଥିଲା। ଭାଜପା ସରକାରର ମିଛ ପ୍ରତିଶ୍ରୁତି ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ ବିଜେଡି କର୍ମୀମାନଙ୍କୁ କୁହାଯାଇଥିଲା। ୨୦୨୯ରେ ବିଜେଡି ପୁଣିଥରେ ଶାସନକୁ ଆସିବା ସହ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ସେବା କରିବେ ବୋଲି ମତ ପ୍ରକାଶ ପାଇଥିଲା। ତେବେ ଦଳର ପ୍ରତିଷ୍ଠା ଦିବସର କୌଣସି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନିଲ ମହାନ୍ତିଙ୍କୁ ଦେଖିବାକୁ ମିଳିନଥିଲା। ଯାହାକୁ ନେଇ ଦଳରେ କିଛି ଠିକ୍ ନ ଥିବା ସାଧାରଣରେ ଆଲୋଚନା ହେଉଛି। ନିର୍ବାଚନ ପୂର୍ବରୁ ମଧ୍ୟ ଦଳର ସମସ୍ତ କାର୍ଯ୍ୟକ୍ରମ ସମାନ୍ତରାଳ ଭାବେ ଅନୁଷ୍ଠିତ ହେଉଥିଲା। ପ୍ରତିଷ୍ଠା ଦିବସ

**ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ନେଇ ଚର୍ଚ୍ଚା**

ପାଳନ ନେଇ ଶୁଭାଶିଷ କହିଛନ୍ତି, ଓଡ଼ିଶା ବିକାଶ କ୍ଷେତ୍ରରେ ବିଜୁ ପଟ୍ଟନାୟକ ଏବଂ ନବୀନ ପଟ୍ଟନାୟକଙ୍କର ଅବଦାନ ରହିଛି। ବିଜେଡି ପ୍ରତି ଲୋକଙ୍କ ଭଲ ପାଇବା ଅତୁଟ ରହିଛି। ତୃଣମୂଳ ସ୍ତରରେ ନବୀନ ବାବୁଙ୍କୁ ଲୋକେ ଚାହୁଁଛନ୍ତି। ପ୍ରତିଷ୍ଠା ଦିବସରେ ସମସ୍ତେ ଶପଥ ନେଇଛନ୍ତି ଆଗାମୀ ଦିନରେ ନବୀନ ପଟ୍ଟନାୟକଙ୍କ ହାତକୁ ଟାଣ କରିବେ। ଅନ୍ୟପକ୍ଷରେ ଗୁରୁବାର ଶଙ୍ଖ ଭବନରେ ହାତାହାତି ଘଟଣା ସମ୍ପର୍କରେ ଶୁଭାଶିଷ କହିଛନ୍ତି, ଦଳ ଭିତର କଥା, କ'ଣ ମନୋମାଳିନ୍ୟ ରହିଛି ତାହା ସେ ଜାଣି ନାହାନ୍ତି। ଯେତେ ଘର ଥାଏ, କଥା କଟାକଟି ହୋଇଥାଏ। ଘର କଥା, ସେଥିପାଇଁ ବ୍ୟସ୍ତ ହେବାର କିଛି ନାହିଁ। ବିଜେଡି ଏକ ଅଛି। ତେବେ ରାଜ୍ୟ ଭାଜପା ସରକାର ଲୋକଙ୍କ ହିତ ପାଇଁ କାର୍ଯ୍ୟ କରୁନାହାନ୍ତି, ରଙ୍ଗ ବଦଳାଇବା କାର୍ଯ୍ୟ କରୁଛନ୍ତି। ସେହିପରି କାର୍ଯ୍ୟକ୍ରମରେ ବିଧାୟକଙ୍କ ଅନୁପସ୍ଥିତ ଥିବା ପ୍ରଶ୍ନର ପ୍ରତିକ୍ରିୟା ଦେଇ ଶୁଭାଶିଷ କହିଛନ୍ତି, ବିଜେଡି ଏକ ଆଞ୍ଚଳିକ ଦଳ ହେଲେ ମଧ୍ୟ ବୃହତ ଦଳ। ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତେବେ ବିଧାୟକ କାହିଁକି ଅନୁପସ୍ଥିତ ରହିଛନ୍ତି ତାଙ୍କୁ ପଚାରିଲେ ଓ ଆଲୋଚନା କଲେ ସେ ଏହାର କାରଣ କହିପାରିବେ।




ବିଜେଡି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଅନ୍ୟ ଅତିଥିମାନେ। (ଫଟୋ - ଯଜ୍ଞେଶ୍ୱର ମହାନ୍ତି)

# ୫୯୪ ଗାଁର ୯୧୭୯.୩୨ ହେକ୍ଟର ଧାନଫସଲ ନଷ୍ଟ

**ଖୋର୍ଦ୍ଧା, ୨୬।୧୨ (ପ୍ରଭାତ ପାଣିଗ୍ରାହୀ)**



ଲଘୁଚାପଜନିତ ବର୍ଷା ଚାଷୀଙ୍କ ଦୁର୍ଦ୍ଦଶା ବଢ଼ାଇଛି। ଚାଷୀଙ୍କ ବର୍ଷକର ଆହାର ଛଡାଇ ନେଇଛି। କାହାର ବିଲରେ ତ' ଆଉ କାହାର ଖଳାରେ ଧାନ ଭିଜୁଛି। ଧାନ ଗଜା ହେବାକୁ ବସିଲାଣି। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି, ବିଳମ୍ବିତ ମୌସୁମୀ ସତ୍ତ୍ୱେ ଜିଲାରେ ଭଲ ଧାନ ଚାଷ ହୋଇଥିଲା। ଧାନର ମାନ ଭଲ ରହିଥିବାରୁ ଚାଷୀକୂଳ ଚଳିତ ବର୍ଷ ଧାନର ସହାୟକ ମୂଲ୍ୟ ଉପରେ ସରକାରଙ୍କ ପକ୍ଷରୁ ଅଧିକ ୮ଶହ ଟଙ୍କା ବୋନସ ପାଇବେ ବୋଲି ଆଶା କରିଥିଲେ। ଚାଷୀଙ୍କ ସବୁ ଆଶା ଧୂଳିସାତ କରିଦେଇଛି ଅଦିନିଆ ବର୍ଷା। ଧାନଫସଲ ପ୍ରଭାବିତ ହୋଇଥିବାରୁ ଏଫ୍ଏକ୍ୟୁ ମାନର ଧାନ ମିଳିବା ନେଇ ଆଶଙ୍କା ରହିଛି। ସେପଟେ ଲଗାଣ ବର୍ଷା ଯୋଗୁ ପ୍ରାଥମିକଭାବେ କ୍ଷୟକ୍ଷତି ଆକଳନ କରାଯାଇଛି। ଆସନ୍ତା ୩୦ ତାରିଖ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲା କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ କୃଷି ଏବଂ ରାଜସ୍ୱ ବିଭାଗ ମିଳିତଭାବେ କ୍ଷୟକ୍ଷତି ଆକଳନ କରୁଛନ୍ତି। ନିର୍ଦ୍ଧାରିତ ସମୟରେ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ। ଜିଲାରେ ୧ଲକ୍ଷ ୧ହଜାର ୩୮୨ହେକ୍ଟର ଜମିରେ ଖରିଫ୍ ଧାନ ଚାଷ ହୋଇଥିଲା। ୧୫ହଜାର ୨୦୨ହେକ୍ଟର ଜମିରେ ଅଣଧାନ ଚାଷ ହୋଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା

### ପ୍ରାଥମିକ କ୍ଷୟକ୍ଷତି ଆକଳନ

ତଥ୍ୟ ଅନୁସାରେ, ବୁଧବାର ସୁଦ୍ଧା ବର୍ଷା ପୂର୍ବରୁ ୭୮୬୮ହେକ୍ଟର ଜମିର ଧାନ କଟା ସରିଛି। ତେବେ ପ୍ରାଥମିକ ତଥ୍ୟ ଅନୁସାରେ ଜିଲାର ୧୩୮ ପଞ୍ଚାୟତ ଅଧୀନ ୫୯୪ ଗ୍ରାମର ୯୧୭୯.୩୨ ହେକ୍ଟର ଜମିର ଧାନଫସଲ ବର୍ଷାରେ ନଷ୍ଟ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ତନ୍ମଧ୍ୟରୁ ଖୋର୍ଦ୍ଧା ବ୍ଲକ ୨୨ପଞ୍ଚାୟତ ୧୩୭ ଗ୍ରାମର ୧୭୧୦ ହେକ୍ଟର, ବେଗୁନିଆ ବ୍ଲକ ୨୧ ପଞ୍ଚାୟତର ୧୧୨ ଗ୍ରାମର ୧୮୪୬ ହେକ୍ଟର, ବୋଲଗଡ଼ ବ୍ଲକ ୧୯ ପଞ୍ଚାୟତର ୬୦ ଗ୍ରାମର ୫୪୮ହେକ୍ଟର, ଟାଙ୍ଗୀ ବ୍ଲକ ୨୬ ପଞ୍ଚାୟତର ୧୬୨ ଗ୍ରାମର ୧୮୬୦ହେକ୍ଟର, ଚିଲିକା ବ୍ଲକ ୨ ପଞ୍ଚାୟତର ୪ଗ୍ରାମର ୧୨୦ହେକ୍ଟର, ବାଣପୁର ବ୍ଲକ ୭ ପଞ୍ଚାୟତ ୧୫ ଗ୍ରାମର ଚାଷୀଙ୍କ ୮୫୮ହେକ୍ଟର, ଭୁବନେଶ୍ୱର ବ୍ଲକ ୫ ପଞ୍ଚାୟତ ୧୫ଗ୍ରାମର ୨୦୮ହେକ୍ଟର, ଜଟଣୀ ବ୍ଲକ ୪ ପଞ୍ଚାୟତର ୮ ଗ୍ରାମରେ ୧୬୩୫.୩୨ହେକ୍ଟର, ବାଲିଅନ୍ତାରେ ୧୫ପଞ୍ଚାୟତର ୪୫ଗ୍ରାମର ୮୮ହେକ୍ଟର ଏବଂ ବାଲିପାଟଣାରେ ୧୭ ପଞ୍ଚାୟତର ୩୫ଗ୍ରାମର ୩୦୬ହେକ୍ଟର ଜମିର ଧାନ ପାଣିରେ ପଡି ନଷ୍ଟ ହୋଇଛି। ଅନ୍ୟପଟେ ଲଗାଣ ବର୍ଷାରେ ବିଲରେ ଲାଗିଥିବା ପନିପରିବା ନଷ୍ଟ ହୋଇଛି। ଟମାଟୋ, ଫୁଲକୋବି, ବନ୍ଧାକୋବି, ବିନ୍ସ ଆଦି ପରିବା ନଷ୍ଟ ହୋଇଥିବା ଜଣାପଡିଛି। ଏନେଇ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତି ଆକଳନ ପାଇଁ ରାଜସ୍ୱ ଏବଂ କୃଷି ବିଭାଗର କ୍ଷେତ୍ର କର୍ମଚାରୀ ଓ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରୁଛନ୍ତି।

# ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କର



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଜେଡି ନେତା ଓ କର୍ମୀମାନେ।

**ବେଗୁନିଆ/ବୋଲଗଡ଼, ୨୬।୧୨ (ସନ୍ଧ୍ୟାରାଣୀ ମିଶ୍ର/ ଦେବବ୍ରତ ହୋତା)**

ବେଗୁନିଆ ବ୍ଲକ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଟାଉନହଲ୍‌ଠାରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଏବଂ ବୋଲଗଡ଼ ବ୍ଲକ ପୂର୍ବତନ ଅଧକ୍ଷ ବାନାମ୍ବର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୨୮ତମ ବିଜେଡି ପ୍ରତିଷ୍ଠା ଦିବସରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇଥିଲେ। ସଭା ଆରମ୍ଭ ପୂର୍ବରୁ ବିଜୁ ପଟ୍ଟନାୟକ ପାର୍କରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବେଗୁନିଆ ଏବଂ ବୋଲଗଡ଼ ବ୍ଲକ ଅଧକ୍ଷ, ଉପାଧକ୍ଷ, ବ୍ଲକ ସଭାପତି, ଜିଲାପରିଷଦ ସଭ୍ୟ, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ କର୍ମୀମାନେ ଯୋଗଦେଇଥିଲେ। ରାଜ୍ୟରେ ଏବେବି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଜନସମ୍ପର୍କ ଅତୁଟ ରହିଛି ବୋଲି ବକ୍ତାମାନେ କହିଥିଲେ। ଦଳକୁ ଆହୁରି ମଜବୁତ କରିବାକୁ ବିଧାୟକ ସାହୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ୍ ଭଗବାନ ପଣ୍ଡା ଧନ୍ୟବାଦ ଦେଇଥିଲେ।

**ଜଟଣୀ, ୨୬।୧୨ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ତଥା ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଉତ୍ତରାୟଣୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦଳକୁ ମଜବୁତ କରିବା ସହ ସଙ୍ଗଠିତ ହୋଇ ରହିବା ପାଇଁ

### ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

ବଳବନ୍ତରାୟ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌରପରିଷଦର ବହୁ କାଉନସିଲର, ନଗରପାଳ ଅନନ୍ତ ବେହେରାଙ୍କ ସମେତ ବହୁ ଜିଲାସ୍ତରୀୟ ସଙ୍ଗଠକ ଯୋଗଦେଇଥିଲେ। ତେବେ କେତେଜଣ ଛାମୁଆ ନେତା ଏବଂ ସଙ୍ଗଠକଙ୍କ ଅନୁପସ୍ଥିତି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

**ବାଣପୁର, ୨୬।୧୨ (ଦିଲୀପ କୁମାର ସ୍ୱାଇଁ):** ବାଣପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଜିଲାପରିଷଦ ଉପାଧକ୍ଷ ଗୋପୀନାଥ ମହାରଣାଙ୍କ ନେତୃତ୍ୱରେ ଦଳର କର୍ମୀମାନେ ବଜାର ପରିକ୍ରମା କରି ମେଡିକାଲ ଛକ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଗତିଶୀଳ ଏବଂ ସମୃଦ୍ଧ ଓଡ଼ିଶା ଗଠନରେ ପୂର୍ବତନ ନବୀନ ପଟ୍ଟନାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱର୍ଗତ ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନ ପାଇଁ ବିଜେଡିର ପ୍ରତ୍ୟେକ କର୍ମକର୍ତ୍ତା କାର୍ଯ୍ୟରତ। ସମସ୍ତେ ଏକ ହୋଇ ଚିଲିକା ନିର୍ବାଚନମଣ୍ଡଳୀରେ ବିଜେଡିର ସଙ୍ଗଠନକୁ ସୁଦୃଢ କରିବା ବୋଲି ମହାରଣା ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପସଭାପତି ଯଦୁ ପ୍ରଧାନ, ନିରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ସାମନ୍ତରାୟ, ସୂର୍ଯ୍ୟକାନ୍ତ ରଣସିଂହ, ଲୁଲୁ ବସ୍ତି, ଆକାଶ ପ୍ରଧାନ, କୁଳମଣି ଦାସଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି।

# ଜିଲା ଯୁବ କଂଗ୍ରେସର ପ୍ରତିବାଦ ଶୋଭାଯାତ୍ରା




**ଜଟଣୀ, ୨୬।୧୨ (ରବୀନ୍ଦ୍ରନାଥ ମହାକୁଡ଼)**

ସଂସଦ ଭବନ ଗୃହରେ ବାବାସାହେବ ଆମ୍ବେଡ୍‌କରଙ୍କ ପ୍ରତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅରୁଚିକର ମନ୍ତବ୍ୟ ଦେବା ଘଟଣାରେ ଗୁରୁବାର ଖୋର୍ଦ୍ଧା ଜିଲା ଯୁବ କଂଗ୍ରେସ ପକ୍ଷରୁ ଜଟଣୀ ସହରରେ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସମ୍ବିତ କୁମାର ମଙ୍ଗରାଜଙ୍କ ନେତୃତ୍ୱରେ ଜଟଣୀ ନଗର ସଭାପତି ଅଶୋକ କୁମାର ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଜଟଣୀ ବସ୍‌ଷ୍ଟାଣ୍ଡ ନିକଟ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଶୋଭାଯାତ୍ରା ବାହାରିଥିଲା। ଏଥିସହ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରବା ସହ ହାରିଭାଇନା ଛକ ମୁଖ୍ୟ ରାସ୍ତାରେ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ନଗର କଂଗ୍ରେସର ବହୁ କର୍ମୀ ଯୋଗଦେଇଥିଲେ।

# ବୀର୍ ବାଲ ଦିବସ ଉତ୍ସବ

**ବାଲୁଗାଁ, ୨୬।୧୨ (ସଂଗ୍ରାମ ପାଇକରାୟ)**

ବାଲୁଗାଁ ଉଚ୍ଚ ମାଧମିକ ବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ବୀର୍ ବାଲ ଦିବସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ତଥା ରାଜ୍ୟ ସରକାରଙ୍କ ଓସେପା ଦ୍ୱାରା ତ୍ୱରାନ୍ୱିତ ନିର୍ଦ୍ଦେଶନାମା ଅନୁସାରେ ଏକ ସପ୍ତାହବ୍ୟାପୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶିଖ ସମ୍ପ୍ରଦାୟର ଦଶମ ଧର୍ମଗୁରୁ ଗୋବିନ୍ଦ ସିଂଙ୍କ ଦୁଇ କନିଷ୍ଠ ପୁତ୍ରଙ୍କ ଦେଶମାତୃକା ପାଇଁ ଯେଉଁ ତ୍ୟାଗପୂର୍ଣ୍ଣ ଆତ୍ମ ବଳିଦାନ ତାହାର ସ୍ମୃତି ସ୍ୱରୂପ ୨୬ ଡିସେମ୍ବରକୁ ରାଷ୍ଟ୍ରୀୟ ବୀର୍ ବାଲ ଦିବସ ଭାବେ ଦେଶବ୍ୟାପୀ ପାଳନ ହେଉଛି। ବାଲୁଗାଁ ମହାବିଦ୍ୟାଳୟ ପ୍ରଜ୍ଞା ଭବନରେ ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୁକ୍ତ ୨ ଅଧକ୍ଷ ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ଡ. କୈଳାସ ଚନ୍ଦ୍ର ମହାରଣା, ଡ.ମୋନାଲିସା ମାନସିଂହ, ଅଧ୍ୟାପକ



ଅତିଥିଙ୍କଠାରୁ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ପ୍ରବୀଣ କୁମାର ଜେନା ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ବିଜୟ ସ୍ମାରକ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ମଞ୍ଚ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁନିତା ନନ୍ଦ, ଅଧ୍ୟାପିକା କୀର୍ତ୍ତିମୟୀ ବାରିକ, ଅଧ୍ୟାପକ ବିମଳ କୁମାର ପଣ୍ଡା, ଅଧ୍ୟାପକ ମନୋଜ କୁମାର ନାୟକ, ଡେମୋନଷ୍ଟ୍ରେଟର ବିଶଜିତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ପାଚିକା, ସହାୟିକାଙ୍କ ତାଲିମ ଶିବିର ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବେଗୁନିଆ, ୨୬।୧୨ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୫ଟି କ୍ଲଷ୍ଟରର ପାଚିକା ଏବଂ ସହାୟିକାମାନଙ୍କୁ ନେଇ ଚାଲିଥିବା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ନାୟକ ଯୋଗଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୯୦ଜଣ ପାଚିକା ସହାୟିକା ଯୋଗଦେଇ ତାଲିମ ନେଇଥିଲେ। ସମ୍ବଳ ଶିକ୍ଷକଭାବେ ସୁଧାକର ସେଠୀ, ସୁଜାତା ସାହୁ, ଝୁନୁବାଳା ପୃଷ୍ଟି, ନର୍ମଦା ପଣ୍ଡା ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ। ସିଆର୍‌ସିସି ରଞ୍ଜନ ସିଂ, ସରୋଜ ବେହେରା, ସୂର୍ଯ୍ୟ ପଣ୍ଡା, ସନ୍ଧ୍ୟାରାଣୀ ରଥ ଏବଂ ଶର୍ମିଷ୍ଠା ସୁବୁଦ୍ଧି ସହଯୋଗ କରିଥିଲେ। ସରକାରଙ୍କ ଦ୍ୱାରା ପ୍ରାଧିକୃତ ପି.ଏମ୍ ପୋଷଣ କାର୍ଯ୍ୟକ୍ରମରେ ପାଚିକା ସହାୟିକାଙ୍କ ଭୂମିକା ସମ୍ପର୍କରେ ବୁଝାଇବା ସହ ଏକ ଖାଦ୍ୟମେଳାର ଆୟୋଜନ କରାଯାଇ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପାଚିକାଙ୍କୁ ବ୍ଲକସ୍ତରକୁ ଚୟନ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସୁପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ।

# ଡଙ୍ଗା ମାଲିକଙ୍କୁ ଆକ୍ରମଣ, ୨ ଅଟକ

**ବାଲୁଗାଁ, ୨୬।୧୨ (ସଂଗ୍ରାମ ପାଇକରାୟ)**

ବାଲୁଗାଁ ଚିଲିକା କୂଳ ଜେଟିଠାରେ ଦୁଇ ଜଣ ଆସାମାଜିକଙ୍କ ଆକ୍ରମଣରେ ବୋଟ ସଂଘର ୨ ଜଣ ଡଙ୍ଗା ମାଲିକ ଆହତ ହୋଇଛନ୍ତି। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖିବା ସହ ସେମାନଙ୍କ ଏକ ବାଇକଙ୍କୁ ଜବତ କରିଛି । ଆହତ ଦୁଇ ଡଙ୍ଗା ମାଲିକ ହେଲେ ଧନେଶ୍ୱର ବେହେରା ଏବଂ ଅକ୍ରୁର ବେହେରା। ଏନେଇ ଥାନାରେ ଏକ ମାମଲା (ନଂ.୪୦୯/୨୪)ରୁଜୁ ହୋଇଛି। ଅନ୍ୟପକ୍ଷେ ବାରମ୍ବାର ଏହିପରି ଘଟଣା ଘଟୁଥିବାରୁ ଚିଲିକା କୂଳରେ ଏକ ପୋଲିସ ସହାୟତା କେନ୍ଦ୍ର ତୁରନ୍ତ ସ୍ଥାପନ ନିମନ୍ତେ କାଳିଜାଈ ବୋଟ

### ଚିଲିକା କୂଳରେ ପୋଲିସ ବିଟ୍ ହାଉସ ସ୍ଥାପନ ଦାବି

ଆସୋସିଏଶନ ପକ୍ଷରୁ ଦାବି ହୋଇଛି । ପ୍ରକାଶ ଯେ, ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଦୈନନ୍ଦିନ ଚିଲିକା କୂଳ ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ଯୋଗୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହାର ପ୍ରଭାବ ଡଙ୍ଗା ମାଲିକ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉପରେ ମଧ ପଡୁଛି। ବାଲୁଗାଁ ଥାନା ଚିଲିକା କୂଳରୁ ୨ କିମି ଦୂରରେ ଅବସ୍ଥିତ। କୌଣସି ଅଘଟଣ ହେଲେ ପୋଲିସ ପହଞ୍ଚିବାରେ ବିଳମ୍ବ ହେଉଛି। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ଋତୁ ପୂର୍ବରୁ ବୋଟ ସଂଘ ପକ୍ଷରୁ ଏଠାରେ ପୋଲିସ ସହାୟତା କେନ୍ଦ୍ର ସ୍ଥାପନ ପାଇଁ ଖୋର୍ଦ୍ଧା ଜିଲାପାଳ, ଏସ୍‌ପି ଏବଂ ଆଇନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଅଦ୍ୟାବଧି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଏପରି ପରିସ୍ଥିତି ଉପୁଜୁଛି ବୋଲି ସଂଘର ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା କହିଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ଜୟ ପ୍ରକାଶ ପରିଡା କହିଛନ୍ତି, ପର୍ଯ୍ୟଟକ, ଅଞ୍ଚଳବାସୀଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ସର୍ବଦା ସଜାଗ ରହିଛି। ପ୍ରତ୍ୟହ ଚିଲିକା କୂଳ ଅଞ୍ଚଳରେ ପାଟ୍ରୋଲିଂ ଗାଡି ପଇଁତରା ମାରିବା ସହ ଦୁଇ ଜଣ କର୍ମଚାରୀ ସେଠାରେ ନିୟୋଜିତ ରହିଥିବା ସେ କହିଛନ୍ତି।

# 'ବିଜେଡି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି'

**କୃଷ୍ଣପ୍ରସାଦ, ୨୬।୧୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତର ଅଲଣ୍ଡା ଗ୍ରାମରେ ଗୁରୁବାର ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କୃଷ୍ଣପ୍ରସାଦ ବ୍ଲକ ବିଜେଡି ସଭାପତି ତଥା ଜିଲାପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କହିଥିଲେ, ବିଜୁବାବୁଙ୍କ ଆଦର୍ଶରେ ଆରମ୍ଭ ହୋଇଥିବା ବିଜେଡି ଆଜି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସର ପ୍ରତୀକ ପାଲଟିଛି। ଓଡ଼ିଶା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ଇତିହାସରେ ଅବିସ୍ମରଣୀୟ ହୋଇରହିବ। ବ୍ରହ୍ମଗିରିର ବିକାଶ ପାଇଁ ବିଜେଡି ପ୍ରତିବଦ୍ଧ। ନବୀନବାବୁଙ୍କ ହାତମୁଠାକୁ ଟାଣ କରିବା ସହିତ ଏକ ସଶକ୍ତ ଓଡ଼ିଶା ଗଠନ ନିର୍ମାଣ ପାଇଁ ପ୍ରତିଜ୍ଞା କରିବାକୁ ଦାସବର୍ମା ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, କୃଷ୍ଣପ୍ରସାଦ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ବ୍ଲକ ଅଧକ୍ଷା ସରୋଜିନୀ ତରେଇ, ନିରଞ୍ଜନ ପ୍ରଧାନ, ସନ୍ଦୀପ ଜେନା, କୃଷ୍ଣଚନ୍ଦ୍ର ରାୟ, ଯୁଧିଷ୍ଠିର ନାୟକ, ସନ୍ତୋଷ ଜେନା, କାଳୁ ଜେନା, ପୂର୍ଣ୍ଣ ପ୍ରଧାନ, ସବିତା ବିଶ୍ୱାଳ, ବିଜୟ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିପେଣ୍ଡେଣ୍ଟ କ୍ଲବ କଟକ ବିଜୟୀ

**ଯାଁଳା, ୨୬।୧୨ (ବୁଲା ବାରିକ)**

### ସର୍ବଭାରତୀୟ ମଦନପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଭୁବନେଶ୍ୱର ଉପକଣ୍ଠ ମଦନପୁର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ଖେଳପଡ଼ିଆରେ ସର୍ବଭାରତୀୟ ମଦନପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ପପୁଲାର କ୍ଲବ ଢେଙ୍କାନାଳ ଏବଂ ଇଣ୍ଡିପେଣ୍ଡେଣ୍ଟ କ୍ଲବ କଟକ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ଦୁଇଟି ଗୋଲ ଦେଇ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଇଣ୍ଡିପେଣ୍ଡେଣ୍ଟ କ୍ଲବର ତୋଫାନ ନାୟକ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ। ଶିବଶଙ୍କର ପଣ୍ଡା, ଶିବ ପ୍ରସାଦ ସାମନ୍ତରାୟ, ଏମ୍.ଏସ୍. ବେଗ, ସୁଜିତ ପାଇକରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ପ୍ରଦୋଷ କୁମାର ଜେନା ଏବଂ ଅକ୍ଷୟ କୁମାର ଜେନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ ସେମିଫାଇନାଲରେ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

**ଟାଙ୍ଗୀ, ୨୬।୧୨ (ରଘୁନାଥ ସାହୁ)**

### ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଜନତା ଷ୍ଟାଡିୟମରେ ଅନୁଷ୍ଠିତ ୬୫ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଆର୍‌ଏସ୍‌ଏ ରାଉରକେଲା ଏବଂ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ବୋକାରୋ ଷ୍ଟିଲ ପ୍ଲାଣ୍ଟ ଟିମ୍ ଦୁଇଟି ଗୋଲ ଦେଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଶୀତଲ ଗୁରୁଙ୍ଗ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଗୋପାଳ ସାମନ୍ତରାୟ, ବିଦେଶୀ ନାୟକ ଏବଂ ଅପର୍ତ୍ତି ବେହେରା ସହାୟତା କରିଥିଲେ। ବିଜୟ କୁମାର ରାଉତ ମ୍ୟାଚ କମିଶନରଭାବେ ଦାୟିତ୍ୱ ତୁଲାଇଥିଲେ। ରାଉରକେଲା ଟିମ୍‌ର ସନି ମୁଣ୍ଡା ଏବଂ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ ଟିମ୍‌ର କୁଲିଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ବିଭୂତି ରାଉତରାୟ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥିଭାବେ ଟାଙ୍ଗୀ ବ୍ଲକ ବିଡିଓ ରୁମାନା ଜାଫ୍ରି, ବ୍ଲକ ଅଧକ୍ଷା ରିପ୍ସା ମାନ୍ଧାତା, ଆଇନଜୀବୀ ରମେଶ କୁମାର ବେହେରା, ବସନ୍ତ ସିଂ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ମନୋଜ କୁମାର ମାନସିଂହ ମଞ୍ଚ ପରିଚାଳନା କରିଥିଲେ। ସଭାପତି ରଘୁନାଥ ସ୍ୱାଇଁ, ସହ ସମ୍ପାଦକ କମଳାକାନ୍ତ ସାମନ୍ତରାୟ, ରମେଶ ନାଇଡୁ, କେଦାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଛତିଶଗଡ଼ ଏବଂ ମଣିପୁର ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

# ଶରଧାପୁର ଫୁଟ୍‌ବଲ କପ୍ ଫାଇନାଲରେ ଇଟାମାଟି

**ଖୋର୍ଦ୍ଧା, ୨୬।୧୨ (ପ୍ରଭାତ ପାଣିଗ୍ରାହୀ)**

ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୧୫ତମ ଶରଧାପୁର ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟର ୬ଷ୍ଠ ଦିବସରେ ଇଟାମାଟି ଟିମ୍ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ସ୍ଥାନୀୟ ଖେଳପଡ଼ିଆରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୋପାଳପୁର ଏବଂ ଇଟାମାଟି ମଧ୍ୟରେ ହୋଇଥିଲା। ପ୍ରଥମାର୍ଦ୍ଧରେ ଇଟାମାଟି ଟିମ୍ ଗୋଟିଏ ଗୋଲ ଦେଇ ଆଗରେ ରହିଥିବା ବେଳେ ମ୍ୟାଚ୍ ଶେଷ ଆଡ଼କୁ ଆଉ ୩ଟି ଗୋଲ ଦେଇ ବିଜୟୀ ହୋଇଥିଲା। ଅତିଥିଭାବେ ବ୍ୟବସାୟୀ ମମତାଜ ମହମ୍ମଦ ହୁସେନ, ଆୟୋଜକ କମିଟି ଯୁଗ୍ମ ସମ୍ପାଦକ ମୀନକେତନ ବଡ଼ଜେନା, ମହମ୍ମଦ ୟାକୁବ, ବନମାଳୀ ସାହୁ, ଲକ୍ଷ୍ମୀଧର ବଡ଼ଜେନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚରେ ରେଫରିଭାବେ ପ୍ରଫୁଲ୍ଲ ବେହେରା ଦାୟିତ୍ୱ ତୁଲାଇଥିବା ବେଳେ ଗିରିଶ ଜାନି, ସାଗିର ମହମ୍ମଦ ଏବଂ ମକବୁଲ ଅହେମ୍ମଦ ସହଯୋଗ କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ କେରଙ୍ଗ ଏବଂ ଘାଟିକିଆ ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ଏସ୍.ଇ ହୁଦା କହିଛନ୍ତି।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

